ସାପ୍ତାହିକ

Postal Regd. No.: SBP/RN-01/2022-2024

# ସ୍ୱୀକାର

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.28 | Issue - 4 | 28 January - 03 February 2024 | Sambalpur | Page- 8 | Invitation Price Rs.10




## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ – ୨୦୨୪ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ, ଅଗ୍ରଣୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା



## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୪ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଏହି ପୁଣ୍ୟତିଥିରେ ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତମାନଙ୍କର ଅସୀମ ତ୍ୟାଗ, ତପସ୍ୟା ଓ ବଳିଦାନକୁ ସସମ୍ମାନେ ସ୍ମରଣ କରିବା ସହ ଆମ ସମ୍ବିଧାନର ମହାନ୍ ଉଦ୍ଦେଶ୍ୟ ଏବଂ ମୂଲ୍ୟବୋଧ ପ୍ରତି ବିଶ୍ୱାସ ରଖି ଏକ ସଶକ୍ତ, ସମୃଦ୍ଧ ଏବଂ ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ସମ୍ମିଳିତ ଭାବେ କଠିନ ପରିଶ୍ରମ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆସନ୍ତୁ, ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା, ରୂପାନ୍ତରିତ ଓଡ଼ିଶା ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ମାଁ ସମଲେଇ ପ୍ରକଳ୍ପ ପ୍ରକଳ୍ପ ଉଦ୍‌ଘାଟିତ



ସମ୍ବଲପୁର: ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ମନ୍ଦିରର ରୂପାନ୍ତରିତ ସମଲେଇ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ପ୍ରକଳ୍ପରେ ପ୍ରାୟ ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ପ୍ରାୟ ୪୦ ଏକର ପରିମିତ ଅଞ୍ଚଳରେ ମାଁ ସମଲେଶ୍ୱରୀଙ୍କ ମନ୍ଦିରର ଭବ୍ୟ ରୂପାନ୍ତରଣ ହୋଇଛି । ଚାରି ଦିଗରେ ୪ଟି ପ୍ରବେଶ ଦ୍ୱାର, ମନ୍ଦିର କାର୍ଯ୍ୟାଳୟ, ପୂଜକ ବିଶ୍ରାମାଳୟ ବ୍ୟବସ୍ଥା ରହିଛି । ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଧାତ୍ମିକ ଅନୁଭବ ପାଇଁ ପ୍ରାୟ ଏକ କିମି ଦୈର୍ଘ୍ୟର ପରିକ୍ରମା ପଥ ନିର୍ମାଣ ହୋଇଛି । ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ପାର୍କିଂ ସ୍ଥାନ, ପାନୀୟ ଜଳ, ଶୌଚାଳୟ, ସୂଚନା କେନ୍ଦ୍ର, ଯୋତା ଷ୍ଟାଣ୍ଡ, ଭୋଜି ଜୋନ୍ ବ୍ୟବସ୍ଥା କରାଯାଇଛି । ମହାନଦୀ ଘାଟର ରୂପାନ୍ତରଣ କରାଯାଇ ଆରତୀ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ।

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ


୨ ପୃଷ୍ଠାରେ...


ଡିମେନ୍‌ସିଆକୁ ନିୟନ୍ତ୍ରଣ କରେ ଆମିନୋ ଏସିଡ୍


ଗୋଲମରିଚର ଲାଭକାରୀ ଗୁଣ


କ୍ଷତିକାରକ ଫ୍ୟାଟ୍ ଜାତୀୟ ଖାଦ୍ୟ


ଶିଶୁଙ୍କ ପାଇଁ ଡାଲି


ଲିଭର ସେଲ୍ ପାଇଁ ଉପକାରୀ ସଜନା ଶାଗ


କାଙ୍କଡର ଉପକାରିତା

## ବିନୋଦ ପଶାୟତ ପାଇବେ ପଦ୍ମଶ୍ରୀ

ସମ୍ବଲପୁର: କଲମ ଓ କଇଁଚିର କୁଶଳୀ କାରିଗର ରୂପେ ଖ୍ୟାତି ଅର୍ଜନ କରିଥିବା ବିଶିଷ୍ଟ କବି, ଲେଖକ, ଗୀତିକାର ଓ ନାଟ୍ୟକାର ବିନୋଦ ପଶାୟତ ପଦ୍ମଶ୍ରୀ ଉପାଧି ପାଇବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଶ୍ରୀ ପଶାୟତ କୌଳିକ ବୃତ୍ତିରେ ଜଣେ ବାରିକ ହୋଇଥିଲେ ମଧ ତାଙ୍କ ରଚିତ ଗୀତ 'ଲିଟି ଉଡ଼େ ଫୁରୁ ଫୁରୁରେ ମୋର୍ ନାମ୍ ଟେକାରୁ', 'ହାଏ କୃଷ୍ଣ ହାଏ କୃଷ୍ଣ ବୋଲି ଯାଉ ମୋର୍ ଜୀବନ', 'ଗଲାରାତି ଝୁମରା ସୁରେ ଧରି ଦେଲି ତୋର୍ ନାଁ', 'ସରବ୍ ସହେନି ମାଁ ଗୋ ତୁଇ', 'ଏ ନନି ସୁଲୋଚନା',



'ଗଲା ମାଲିରେ ଆଚ୍ଛା ବିଦେଶୀ ହେଲି' ଭଳି ବହୁ ଲୋକପ୍ରୀୟ ଗୀତ ବର୍ତ୍ତମାନ ଜନସାଧାରଣଙ୍କୁ ରୋମାଞ୍ଚିତ କରୁଛି । କେବଳ ଗୀତ ନୁହେଁ ତାଙ୍କ ରଚିତ ନାଟକ ମଧ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବାରେ ସଫଳ ହୋଇଛି । ବିଶେଷ କରି ନାଟକ 'ଉଖି' ମାଧମରେ ତାଙ୍କୁ ସ୍ୱତନ୍ତ୍ର ପରିଚୟ ମିଳିଥିଲା । ସେ ୧୯୫୯ରୁ ଆକାଶବାଣୀ କଟକ ଓ ସମ୍ବଲପୁରର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଭାବେ ମଧ କାର୍ଯ୍ୟ କରୁଛନ୍ତି । ତାଙ୍କ ରଚିତ ଗୀତ କଟକ, ସମ୍ବଲପୁର, ବିବିଧ ଭାରତୀ, ଦିଲ୍ଲୀ, ରାୟପୁର ରେଡ଼ିଓ ଷ୍ଟେସନରୁ ବାଜିଛି । ଏହାଛଡ଼ା ବିବିସି ଲଣ୍ଡନ ଓ ରେଡ଼ିଓ ମସ୍କୋରେ ମଧ ତାଙ୍କ ଗୀତ ପ୍ରସାରିତ ହୋଇଛି ।

ଶ୍ରୀ ପଶାୟତ ବିଭିନ୍ନ ଓଡ଼ିଆ ଚଳଚିତ୍ର ଯଥା 'ସମର୍ପଣ', 'ପର ସ୍ତ୍ରୀ', 'ଚିନି' ପାଇଁ ଗୀତ ରଚନା କରିଥିବା ବେଳେ ଉପନ୍ୟାସ 'ରାମ ରାଏଜର୍ କଥା', 'ଚୁଟ୍‌କୁଚୁଟା' ଭଳି ଅନେକ ପୁସ୍ତକ ମଧ ରଚନା କରିଛନ୍ତି । ତାଙ୍କୁ ସଙ୍ଗୀତ ନାଟକ ଏକାଡେମି ପୁରସ୍କାର, ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

୧୯୩୫ ମସିହା ଡିସେମ୍ବର ୩ ତାରିଖରେ ବଲାଙ୍ଗୀର ସହରର ଟିକ୍ରାପଡ଼ା ଠାରେ ଜନ୍ମିତ ଶ୍ରୀ ପଶାୟତ ବଲାଙ୍ଗୀର ହାଇସ୍କୁଲରୁ ଅଳ୍ପପାଠ ପଢ଼ି ଅଭାବ ଅନାଟନରେ ପଡ଼ି ପିତାଙ୍କ ସାଙ୍ଗରେ ନିଜର କୌଳିକ ବୃତ୍ତିକୁ ଆପଣେଇ ଥିଲେ । ଦୀର୍ଘ ୧୯ ବର୍ଷ ବଲାଙ୍ଗୀର ସହରରେ ରହିବା ପରେ ୧୯୫୩ ମସିହାରେ ଜୀବିକା ଅନ୍ୱେଷଣରେ ସମ୍ବଲପୁର ଚାଲିଆସି ସହରର ହୃଦୟସ୍ଥଳ ବୈଦ୍ୟନାଥ ଛକରେ ନିଜର ଏକ ସେଲୁନ ଆରମ୍ଭ କରିଥିଲେ । ସ୍ୱର୍ଗତ ମୁରାରୀ ପ୍ରସାଦ ମିଶ୍ର ଓ ସ୍ୱର୍ଗତ ଶିବ ପ୍ରସାଦ ମିଶ୍ର ଓ ସ୍ୱର୍ଗତ ଅରୁଣ ପ୍ରସନ୍ନ ସେଠ୍‌ଙ୍କ ପ୍ରେରଣାରେ ସେ ସମ୍ବଲପୁରୀ ସାହିତ୍ୟ ସୃଷ୍ଟି କରିଥିଲେ । ଧୀରେ ଧୀରେ ତାଙ୍କ ସେଲୁନ ସାହିତ୍ୟ ଓ ସଂସ୍କୃତି ପ୍ରେମୀଙ୍କ ମିଳନ କେନ୍ଦ୍ରରେ ପରିଣତ ହୋଇ ଯାଇଥିଲା । ବହୁ ସାରସ୍ୱତ ସାଧକଙ୍କ ଆଗମନରେ ତାଙ୍କ ସେଲୁନରେ ରୀତିମତ ସାହିତ୍ୟ ଚର୍ଚ୍ଚା ହେଉଥିଲା । କିଛିବର୍ଷ ପୂର୍ବରୁ ତାଙ୍କ ଶରୀର ଅସୁସ୍ଥ ହେବାରୁ ସେଲୁନ ବନ୍ଦ କରି ଦେଇଛନ୍ତି । ତେବେ ବର୍ତ୍ତମାନ ପରିଣତ ବୟସରେ ମଧ ତାଙ୍କ ସାହିତ୍ୟ ସୃଷ୍ଟି ଅବ୍ୟାହତ ରହିଛି ।

## ସମ୍ବଲପୁରରେ 'ଶ୍ରୀ ଜଗନ୍ନାଥ କଥାମୃତ'







ସମ୍ବଲପୁର : ସ୍ଥାନୀୟ ଝାଡୁଆପଡା ସ୍ଥିତ ଆରଣ୍ୟକ ମଣ୍ଡପ ଠାରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲ୍‌ଫେୟାର୍ ଟ୍ରଷ୍ଟ ପକ୍ଷରୁ 'ଶ୍ରୀ ଜଗନ୍ନାଥ କଥାମୃତ' ଆୟୋଜନ କରାଯାଇଥିଲା । ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୁରୀର ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ପ୍ରବାଚିକା ସରୋଜିନୀ ଦେବୀ ଶ୍ରୀ ଜଗନ୍ନାଥଙ୍କ ଲୀଳାମୃତ ଓ ତାଙ୍କୁ ଦର୍ଶନ କରିବାର ବିଧି ଉପରେ ସଙ୍ଗୀତମୟ ପ୍ରବଚନ ଦେଇଥିଲେ । ତାଙ୍କୁ ମହେଶ୍ୱର ଖୁଣ୍ଟିଆ, ବନମାଳି ଦାସ ଓ ସୁଦାମ ଚରଣ ସାହୁ ବାଦ୍ୟଯନ୍ତ୍ର ଓ ସଙ୍ଗୀତରେ ସହଯୋଗ କରିଥିଲେ । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ସଂଯୋଜନା ଓ ପଣ୍ଡିତ ବେଦ ବ୍ୟାସ ପଣ୍ଡାଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ପ୍ରବାଚିକା ଶ୍ରୀମତୀ ସରୋଜିନୀ ଦେବୀ, ଟ୍ରଷ୍ଟର ସମ୍ପାଦକ ସୁବାଷ ପାଣିଗ୍ରାହୀ, ସଭ୍ୟ ସୁଧୀର ପୂଜାରୀ, ପ୍ରମୁଖ ପ୍ରଦୀପ ପ୍ରଜ୍ୱାଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଶ୍ୱାତ୍ମା ଚେତନା ପରିଷଦର ସମ୍ବଲପୁର ଶାଖା ସଭାପତି ପରମେଶ୍ୱର ଦାଶ, ଡାକ୍ତର ସୁରେନ୍ଦ୍ର ପଣ୍ଡା, ପ୍ରାଧାପିକା ଶ୍ରୀଲତା ମିଶ୍ର, ବିମଳ ପାଣ୍ଡିଆ, ଲଳିତ ଅଗ୍ରୱାଲ, ରାମଜୀବନ ସିଂହ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ତଥା ଭକ୍ତବୃନ୍ଦ ଯୋଗ ଦେଇଥିଲେ ।

## ସମ୍ବଲପୁର ଆକାଶବାଣୀ କେନ୍ଦ୍ର ସମାଚାର ବିଭାଗର ପ୍ରତିଷ୍ଠା ଦିବସ ପାଳିତ






ସମ୍ବଲପୁର : ସମ୍ବଲପୁର ଆକାଶବାଣୀ କେନ୍ଦ୍ରର ସମାଚାର ବିଭାଗର ନବମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବାର୍ତ୍ତା ସମ୍ପାଦକ ଆଲୋକ ଚନ୍ଦ୍ର ବାରିକଙ୍କ ଅଧକ୍ଷତା ତଥା ତର୍ପଣ କୁମାର ପ୍ରଧାନଙ୍କ ସଂଯୋଜନାରେ ଏହି ଅବସରରେ ଆୟୋଜିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ପ୍ରସାର ଭାରତୀର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ବସନ୍ତ କୁମାର ମାଝୀ, ଅଧାପିକା ତେଜଶ୍ରୀ ମିଶ୍ର, ସଙ୍ଗୀତା ସାହୁ, ସୁପ୍ରୀତି ମିଶ୍ର ପ୍ରମୁଖ ଭାଷଣ ଦେଇ ଗତ ୨୦୧୬ ମସିହାରେ ସମ୍ବଲପୁର ଆକାଶବାଣୀ କେନ୍ଦ୍ରରୁ ସମ୍ବଲପୁରୀ ଭାଷାରେ ପ୍ରସାରିତ ହୋଇ ଆସୁଥିବା ସମ୍ବାଦ ଲୋକଙ୍କ ଆସ୍ଥା ଭାଜନ ହୋଇ ପାରିଛି ବୋଲି ମତ ପ୍ରକାଶ କରିଥିଲେ । ଆକାଶ କୁମାର ମହାପାତ୍ର, ଶିବଦୟାଲ ତ୍ରିପାଠୀ, କୃତାଞ୍ଜଳୀ ତ୍ରିପାଠୀ, ଶମ୍ପା ରାୟ, ସଙ୍ଗୀତା ପଣ୍ଡା, ମାନସୀ ନନ୍ଦ, ରାମନାରାୟଣ ବେହେରା ଓ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଅଳକା ମହାପାତ୍ରଙ୍କ ଗଳ୍ପ ସଂକଳନ 'ପ୍ରତିଚ୍ଛାୟା' ଉନ୍ମୋଚିତ





ସମ୍ବଲପୁର : ବିଶିଷ୍ଟ ଗାଳ୍ପିକା ଶ୍ରୀମତୀ ଅଳକା ମହାପାତ୍ରଙ୍କ ଗଳ୍ପ ସଂକଳନ 'ପ୍ରତିଚ୍ଛାୟା' ଉନ୍ମୋଚିତ ହୋଇଯାଇଛି । ଏହା ସମ୍ବଲପୁର ପୁସ୍ତକ ମେଳାରେ 'ସେତୁ' ର ସଭାପତି ପ୍ରଫେସର ମୀନକେତନ ପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏକ ଉତ୍ସବରେ ସାହିତ୍ୟିକ ଗଣେଶରାମ ନାହାକ ସଂସ୍କୃତି ଗବେଷକ ଡକ୍ଟର ଦ୍ୱାରିକାନାଥ ନାୟକ, ଡକ୍ଟର ଗୌରୀଦାସ ପ୍ରଧାନ ପ୍ରମୁଖ ପୁସ୍ତକର ଉନ୍ମୋଚନ କରିଥିଲେ । ଡକ୍ଟର ସନ୍ତୋଷ କୁମାର ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅଇଁଠାପାଲି ନିକଟସ୍ଥ କଲ୍ୟାଣନଗର ବାସିନ୍ଦା ଆଡ଼ଭୋକେଟ୍ ଶ୍ରୀ ଅଶୋକ କୁମାର ମହାପାତ୍ରଙ୍କ ଧର୍ମପତ୍ନୀ ଅଳକାଙ୍କ ଏହା ଦ୍ୱିତୀୟ ଗଳ୍ପ ସଙ୍କଳନ ଅଟେ ।

## ଏମ୍‌ସିଏଲରେ ସାଧାରଣତନ୍ତ୍ର ଦିବସ ପାଳିତ




ବୁର୍ଲା : ଏମସିଏଲରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । କମ୍ପାନୀର ସିଏମଡି ଶ୍ରୀ ଉଦୟ ଅନନ୍ତ କାଓଲେ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସାଙ୍ଗକୁ ଉଦ୍‌ବୋଧନ ଦେଇଥିଲେ । ଏଥିରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ, ବିତ୍ତ ନିର୍ଦ୍ଦେଶକ ଏ.କେ. ବେଉରା, ବୈଷୟିକ ନିର୍ଦ୍ଦେଶକ ଏ.କେ. ବାପତ୍ ପ୍ରମୁଖ ଯୋଗ ଦେଇଥିଲେ । ଜାଗୃତି ମହିଳା ମଣ୍ଡଳର ଅଧକ୍ଷା ଶ୍ରୀମତୀ ସୁବର୍ଣ୍ଣା କାଓଲେ, ଉପାଧକ୍ଷା ଅଳ୍ପନା ଶୁକ୍ଳା ରାଓ, ରଶ୍ମୀ ବେହୁରା, ଅଞ୍ଜଳୀ ବାପତ୍ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ ।



# ଈଶ୍ୱର ପ୍ରାପ୍ତି ଜୀବନର ପରମ ଲକ୍ଷ୍ୟ

ଏ ସଂସାରରେ ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି ଉଦ୍ୟମରେ ଲାଗିଛି । ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି କର୍ମରେ ପ୍ରବୃତ୍ତ । କିଏ ମନ୍ଦ କର୍ମରେ ପ୍ରବୃତ୍ତ ତ କିଏ ଉତ୍ତମ କର୍ମରେ ପ୍ରବୃତ୍ତ । କିଏ ପଇସା ପଛରେ ତ କିଏ ବିଷୟ ଭୋଗଗୁଡ଼ିକ ପଛରେ ଧାଉଁଥିବାର ଦେଖାଯାଉଛି । କିଏ ନିଜ ଶରୀରକୁ ସୁସ୍ଥ କରିବାରେ ଲାଗିଛି ତ କିଏ ଶରୀରକୁ ସଜେଇବାରେ ଲାଗିଛି । କିଏ ଧନବାନ୍ ହେବାକୁ ଚାହୁଁଛି ତ କିଏ ପହିଲମାନ, କିଏ ପଦ-ପ୍ରତିଷ୍ଠା ପାଇଁ ତୃଷାର୍ତ୍ତ ତ କିଏ ଯଶ ଓ କୀର୍ତ୍ତି ପାଇବା ପାଇଁ ଲାଳାୟିତ । କିଏ ବିଦ୍ୟା ଅନ୍ୱେଷଣ କରୁଛି ତ ଆଉ କିଏ ବ୍ରହ୍ମଙ୍କୁ ଖୋଜି ବୁଲୁଛି ।

ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ଜିନିଷର ଅନ୍ୱେଷଣରେ ଲାଗିଛନ୍ତି, କିନ୍ତୁ ପ୍ରକୃତରେ ବ୍ୟକ୍ତି ଏଗୁଡ଼ିକର ଅନ୍ୱେଷଣ କାହିଁକି କରୁଛି ? ବ୍ୟକ୍ତି କାହିଁକି ଏଇ ଜିନିଷଗୁଡ଼ିକୁ ଚାହୁଁଛି ? କେହି କ'ଣ କେବଳ ପଦ-ପ୍ରତିଷ୍ଠା ପାଇବା ପାଇଁ ହିଁ ପଦ–ପ୍ରତିଷ୍ଠା ଚାହୁଁଛି ? କ'ଣ କେହି କେବଳ ଯଶ-କୀର୍ତ୍ତି ପାଇବା ପାଇଁ ତାହା ଚାହୁଁଛି ? କ'ଣ କେହି କେବଳ ପଇସା ପାଇବା ପାଇଁ ପଇସା ଚାହୁଁଛି ? ଧନ ଚାହୁଁଛି ?

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ନିଶ୍ଚିତ ରୂପେ 'ନା' ହେବ । ସତ କଥା ହେଲା, କେହି ପଇସା ପାଇବା ପାଇଁ ପଇସା ଚାହେଁ ନାହିଁ । କେବଳ ଧନ ପାଇବା ପାଇଁ ଧନ ଚାହେଁ ନାହିଁ । କେବଳ ପଦ-ପ୍ରତିଷ୍ଠା ପାଇବା ପାଇଁ ପଦ-ପ୍ରତିଷ୍ଠା ଚାହେଁ ନାହିଁ । କେବଳ ବିଷୟ ଭୋଗଗୁଡ଼ିକୁ ପାଇବା ପାଇଁ ବିଷୟ ଭୋଗ ଚାହେଁ ନାହିଁ । କେହି କେବଳ ମନ୍ଦ କର୍ମ କରିବା ପାଇଁ ମନ୍ଦ କର୍ମ କରେ ନାହିଁ ।

ଯଦି ଆପଣ ଦିନରାତି ପଇସା ଓ ଧନ ପଛରେ ଧାଉଁଥିବା କୌଣସି ବ୍ୟକ୍ତିକୁ ପଚାରିବେ ଯେ ସେ କାହିଁକି ଦିନରାତି ପଇସା ଓ ଧନ ପଛରେ ପଡ଼ିଛି ? ସେ ପଇସା କାହିଁକି ଚାହୁଁଛି ? ତ ଏହାର ଉତ୍ତରରେ ସେହି ବ୍ୟକ୍ତି କହିବ- 'ସେଇ ପଇସାରେ ମୁଁ ଏକ ସୁନ୍ଦର ଘର ତିଆର କରିବି । ଉଦ୍ୟୋଗ ବଢ଼ାଇବି, ବିବାହ କରିବି, ପରିବାର ବଢ଼ାଇବି, ଖାଦ୍ୟପେୟର ପ୍ରଚୁର ସାମଗ୍ରୀ କିଣିବି, ଭଲ ଭଲ ପୋଷାକ ପିନ୍ଧିବି ଇତ୍ୟାଦି । ଯଦି ଆପଣ ତାଙ୍କୁ ପୁଣି ପଚାରିବେ ଯେ ସେ ସେହି ଭୋଗଗୁଡ଼ିକୁ କାହିଁକି ଚାହୁଁଛି, ତ ସେ ଉତ୍ତର ଦେବ – ସେହି ଜିନିଷଗୁଡ଼ିକୁ, ଭୋଗଗୁଡ଼ିକୁ ପାଇଗଲେ ସେ ସୁଖୀ ହୋଇଯିବ । କାରଣ ସେଇ ଜିନିଷଗୁଡ଼ିକୁ ପାଇଲେ ସୁଖ ପ୍ରାପ୍ତ ହୋଇଥାଏ, ଆନନ୍ଦ ପ୍ରାପ୍ତ ହୋଇଥାଏ ।

ଏହାର ଅର୍ଥ ପ୍ରତ୍ୟେକ ବ୍ୟକ୍ତି ଯାହା କିଛି କରୁଛି, ଖୋଜୁଛି, ଚାହୁଁଛି ତାହା ସୁଖ ପାଇବା ପାଇଁ, ଆନନ୍ଦ ପାଇବା ପାଇଁ କରୁଛି । ଏପରିକି କୁକର୍ମରେ ଲିପ୍ତ ବ୍ୟକ୍ତି ମଧ ସେହି କର୍ମଗୁଡ଼ିକରୁ ସୁଖ ପାଇବା, ଆନନ୍ଦ ପାଇବାର ଆଶାରେ ତାହା କରିଥାଏ । ଆହୁରି ଯଦି ଆପଣ ସେହି ବ୍ୟକ୍ତିକୁ ପଚାରିବେ ଯେ ସେ ଆନନ୍ଦ କାହିଁକି ଚାହୁଁଛି ? ଏହି ପ୍ରଶ୍ନର ଉତ୍ତରରେ କେହି କହିବେ ନାହିଁ କି ଅମୁକ ଉଦ୍ଦେଶ୍ୟ ବା ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ଆନନ୍ଦ ଚାହୁଁଛି ଅର୍ଥାତ୍ ବିଦ୍ୟା, ବଳ, ଧନ, ସନ୍ତାନ, ପଦ, ପ୍ରତିଷ୍ଠା, ସ୍ୱାସ୍ଥ୍ୟ, ଯଶ, କୀର୍ତ୍ତି ଆଦି ଜିନିଷ ପାଇବା ପଛରେ ଥିବା ଏକମାତ୍ର ଉଦ୍ଦେଶ୍ୟ ହେଉଛି – ଆନନ୍ଦ ପ୍ରାପ୍ତି ।

କୌଣସି ବ୍ୟକ୍ତି ଦୁଃଖ ପାଇବା ଉଦ୍ଦେଶ୍ୟରେ କୌଣସି କର୍ମ କରେ ନାହିଁ । ମନ୍ଦ କର୍ମ ତ ଆନନ୍ଦ ପାଇବା ଆଶାରେ ହିଁ କରିଥାଏ । ଏହାର ଅର୍ଥ ପ୍ରତ୍ୟେକ ବ୍ୟକ୍ତି ମଧରେ ଆନନ୍ଦ ପାଇବାର ସ୍ୱାଭାବିକ ପ୍ରବୃତ୍ତି, ନୈସର୍ଗିକ ପ୍ରବୃତ୍ତି ରହିଛି, କିନ୍ତୁ ଭଲ-ମନ୍ଦ ସବୁ ଲୋକଙ୍କ ଭିତରେ ଏହି ନୈସର୍ଗିକ ପ୍ରବୃତ୍ତି ଭଲା କାହିଁକି ରହିଛି ? ଏହାର ଏକମାତ୍ର ମୂଳ କାରଣ ରହିଛି ଏବଂ ଗୋସ୍ୱାମୀ ତୁଳସୀଦାସଙ୍କ ଅନୁସାରେ ସେହି ମୂଳ କାରଣଟି ହେଲା-

ଈଶ୍ୱର ଅଂଶ ଜୀବ ଅବିନାଶୀ ।
ଚେତନ ଅମଲ ସହଜ ସୁଖ ରାଶି ।।

ଅର୍ଥାତ୍ ଜୀବ ଈଶ୍ୱରଙ୍କର ଅଂଶ । ସେ ଚେତନ, ଅମଳ ଓ ସୁଖର ରାଶି; କାରଣ ଜୀବାତ୍ମା ସତ୍-ଚିତ୍ - ଆନନ୍ଦ ରୂପ ପରମାତ୍ମାଙ୍କର ଅଂଶ । ସେଥିପାଇଁ ତା' ଭିତରେ ଆନନ୍ଦ ପାଇବାର ନୈସର୍ଗିକ ପ୍ରବୃତ୍ତି ରହିଛି । ସେ ଆନନ୍ଦ ପାଇବାକୁ ଚାହେଁ, ଆନନ୍ଦରେ ରହିବାକୁ ଚାହେଁ, ଆନନ୍ଦରେ ବଞ୍ଚିବାକୁ ଚାହେଁ । ଆନନ୍ଦରେ ହିଁ ଶୋଇବା, ଉଠିବା, ହସିବା, କାନ୍ଦିବା, ଖାଇବା, ଖେଳିବା, ଉଠିବା, ବସିବା ଓ ଧାଇଁବାକୁ ଚାହେଁ । ସେ ପ୍ରତିକ୍ଷଣ ଆନନ୍ଦିତ ରହିବାକୁ ଚାହିଁଥାଏ । ମନୁଷ୍ୟ ମଧରେ ଆନନ୍ଦ ପାଇବାର ନୈସର୍ଗିକ ପ୍ରବୃତ୍ତ ରହିବାର କାରଣ ସେ ହେଉଛି ପରମାନନ୍ଦ, ବ୍ରହ୍ମାନନ୍ଦଙ୍କର ଆଦି ସ୍ରୋତ ପରମାତ୍ମାଙ୍କ ଅଂଶ ।

ଜୀବର ନୈସର୍ଗିକ ସ୍ୱରୂପ ହେଉଛି- ଚିନ୍ମୟ ସତ୍ତା, ଚେତନ ସତ୍ତା, କିନ୍ତୁ ଜୀବ ନିଜର ସ୍ୱାଭାବିକ, ନୈସର୍ଗିକ ସ୍ୱରୂପ ସମ୍ପର୍କରେ ଅନଭିଜ୍ଞ, ଅଜ୍ଞାନ ରହିବା ଯୋଗୁଁ ସମସ୍ୟା ଉପୁଜିଛି । ସେ ନିଜର ବାସ୍ତବିକ ଯଥାର୍ଥ ସ୍ୱରୂପ ସମ୍ପର୍କରେ ଅନଭିଜ୍ଞ, ଅଜ୍ଞାନ । ସେଥିପାଇଁ ଧନ, ବଳ, ଯଶ, କୀର୍ତ୍ତି, ପଦ-ପ୍ରତିଷ୍ଠା ପଛରେ ଧାଇଁଛି, ଆନନ୍ଦ ଖୋଜିବାରେ ଲାଗିଛି । ଯେଉଁ ଜିନିଷ ଯେଉଁଠି ଅଛି, ତାହା କେବଳ ସେଠାରେ ହିଁ ମିଳି ପାରିବ । ମନୁଷ୍ୟକୁ ଭୌତିକ ସୁଖ- ସାଧନରୁ କ୍ଷଣିକ ସୁଖ ମିଳିପାରେ, କିନ୍ତୁ ଆତ୍ମାକୁ ଶାଶ୍ୱତ ସୁଖ ପରମାନନ୍ଦ ତ ଆନନ୍ଦର ଆଦିସ୍ରୋତ ପରମାତ୍ମାଙ୍କ ଠାରୁ ହିଁ ପ୍ରାପ୍ତ ହୋଇପାରେ । ତାହେଲେ ଆମେ କରିବା କ'ଣ ?

ଏଥି ନିମନ୍ତେ ଆମେ ନିଜର ଆତ୍ମାରେ ନିତ୍ୟ ପରମାତ୍ମାଙ୍କର ଧାନ କରିବାକୁ ହେବ । ଯେପରି ମାଟି ଖୋଳୁ ଖୋଳୁ ଶେଷରେ ଭୂମିର ବହୁତ ତଳେ ଜଳର ଅକ୍ଷୟ ସ୍ରୋତ ଫୁଟି ପଡ଼େ, ସେହି ପରି ଆତ୍ମାରେ ପରମାତ୍ମାଙ୍କ ଧାନ କରୁ କରୁ ଶେଷରେ ଆତ୍ମାରେ ପରମାନନ୍ଦର ସ୍ରୋତ ପରମାତ୍ମା ପ୍ରକଟ ହୋଇଥାନ୍ତି ଏବଂ ଆମେ ସଦାସର୍ବଦା ପାଇଁ ଆନନ୍ଦରେ ଆପ୍ଲାବିତ ହୋଇଯାଉ ।

ଏଣୁ ଯଦି ଆମେ ଶାଶ୍ୱତ ସୁଖ, ପରମାନନ୍ଦ ଚାହୁଁଛେ, ତାହେଲେ ଏକ ପକ୍ଷରେ ଭୌତିକ ସୁଖ ପାଇବା ପାଇଁ ଭୌତିକ ପୁରୁଷାର୍ଥ କରିବା ସଙ୍ଗେ ସଙ୍ଗେ ନିତ୍ୟ ଆର୍ଥିକ, ଆଧାତ୍ମିକ ପୁରୁଷାର୍ଥ ମଧ କରିବା ଦରକାର । ନିଜ ଆତ୍ମାରେ ପରମାତ୍ମାଙ୍କର ନିତ୍ୟ ଧାନ କରିବା ହିଁ ଆର୍ଥିକ ପୁରୁଷାର୍ଥ ଆଉ ଆଧାତ୍ମିକ ପୁରୁଷାର୍ଥ, ଯାହା ଆମକୁ ଆନନ୍ଦର ଆଦିସ୍ରୋତ ପରମାତ୍ମାଙ୍କ ସହିତ ଯୋଡ଼ି ପରମାନନ୍ଦରେ ଆପ୍ଲାବିତ କରି ପାରିବ ।

ଆମେ ସଂସାରରେ ରହିଛେ, ଆମେ ଭୌତିକ ଜୀବନରେ ରହିଛେ, ତେଣୁ ଆମକୁ ଭୌତିକ ସୁଖ-ସାଧନଗୁଡ଼ିକୁ ପାଇବା ପାଇଁ ଭୌତିକ ପୁରୁଷାର୍ଥତ କରିବାକୁ ହିଁ ପଡ଼ିବ ନିଶ୍ଚୟ, କିନ୍ତୁ ଆମେ ସଂସାରରେ ରହିଲେ ମଧ କେବେହେଲେ ଈଶ୍ୱରଙ୍କୁ ବିସ୍ମରଣ କରିବା ନାହିଁ । କାରଣ ସେ ହିଁ ଆନନ୍ଦର ଆଦିସ୍ରୋତ । ଏ ସଂସାରରେ ଆମକୁ କିପରି ରହିବା ଉଚିତ, ଏ ଉପରେ ରାମକୃଷ୍ଣ ପରମହଂସ ନିଜର ଶିଷ୍ୟମାନଙ୍କୁ ହେମଦସ୍ତାରେ ଧାନ କୁଟୁଥିବା ମହିଳାଙ୍କ ଉଦାହରଣ ଦେଉଥିଲେ । ସେ କହୁଥିଲେ – 'ବଙ୍ଗଳାର ଗାଁମାନଙ୍କରେ ଉଦୁଖଳରେ ଧାନ କୁଟୁଥିବା ମହିଳାମାନେ ଗୋଟିଏ ହାତରେ ନିଜର ଛୋଟ ପିଲାକୁ କୋଳରେ ଧରିଥାନ୍ତି ଏବଂ ଅନ୍ୟ ହାତରେ ପୁଆକୁ ଧରି ପୁଅକୁ ଧରି ଉଦୁଖଳରେ ଥିବା ଶସ୍ୟକୁ ପିଟନ୍ତି ଓ ବାହାର କରନ୍ତି ଏବଂ ଧାନ କୁଟି ହୋଇଯାଏ, କିନ୍ତୁ ହେମଦସ୍ତା ଭିତରକୁ ପୁଆ ନେବା – ଆଣିବା କରୁଥିଲେ ବି କୋଳରେ ଧରିଥିବା ନିଜ ପିଲା ପ୍ରତି ତାଙ୍କର ଧାନ ରହିଥାଏ । ସେମାନେ ଉଦୁଖଳରେ ଧାନ କୁଟୁଥିବା ଅବସ୍ଥାରେ ମଧ ପିଲା ଯେପରି ତାଙ୍କ କୋଳରୁ ପଡ଼ି ନ ଯାଏ ତାହାର ଧାନ ରଖିଥାନ୍ତି । ସେହିପରି ତୁମେ ସଂସାରରେ ରହି ନିଜର କାର୍ଯ୍ୟ କର, କିନ୍ତୁ ଧାନ ସର୍ବଦା ଈଶ୍ୱରଙ୍କ ଠାରେ ଲଗାଇ ରଖ । ଏଥିରେ ଜୀବନର ସଫଳତା ନିହିତ । ଏଥିରେ ଆନନ୍ଦ ଅଛି ଏବଂ ଏହା ମଧ ମନୁଷ୍ୟ ଜୀବନର ପରମ ଲକ୍ଷ୍ୟ ।

# ମାଦଳି ନୃତ୍ୟ

## ସୁପ୍ରୀତି ମିଶ୍ର

'ଆଦିବାସୀ' ବା ଆଦିମ ଅଧିବାସୀ ଶବ୍ଦଟି ଉଚ୍ଚାରଣ ଅଥବା ଶୁଣିବାରେ ଯେତିକି ସରଳ ଓ ମଧୁର ତାଙ୍କର ପରମ୍ପରା, ଚଳଣି, ହାବଭାବ ବି ଠିକ୍ ସେହିପରି ନିଷ୍କପଟ ଏବଂ ନିରାଡମ୍ବର । ପ୍ରକୃତି କୋଳରେ ଜନ୍ମିତ ସେହି ମାଟିର ମଣିଷ ଚିହ୍ନିଥାଏ କେବଳ ଜଣକୁ ସେ ହେଲା ସେହି ପ୍ରକୃତି ମାଁ । ସୁଖ ଦୁଃଖ, ହାନିଲାଭ ସବୁଥି ପାଇଁ ଦାୟୀ କରିଥାଏ ପ୍ରକୃତିକୁ । ପିଲାଟିଏର ଜନ୍ମ ହେଉଥିବା ଭଲ ଅମଳ ହେଉ, ଘରେ କିଛି ଆଘାତ ହେଉ ଅଥବା ସାମାଜିକ ବିପତ୍ତି ତା' ମତରେ ସବୁର କର୍ତ୍ତା ଧର୍ତ୍ତା ସେହି ପ୍ରକୃତି । ଆଉ ଘାସ ସେଥିପାଇଁ ହିଁ ସମସ୍ତର ପ୍ରଥମ ଅର୍ଘ୍ୟ ସମର୍ପି ଦେଇଥାଏ ସେହି ମାଟି ମା ଅଥବା ପ୍ରକୃତି ଦେବୀ ସମ୍ମୁଖରେ । ସମୟର ପରିବର୍ତ୍ତନରେ ଅପରିବର୍ତ୍ତିତ ରହି ଖୁବ୍ ସୁଚାରୁ ରୂପରେ ଅତିବାହିତ କରିଥାନ୍ତି ଏହି ଆଦିବାସୀ ମାନେ ନିଜ ଜୀବନକୁ । ପେଟକୁ ମୁଠେ ଅନ୍ନ, ଦେହ ଢ଼ାଙ୍କିବାକୁ ଖଣ୍ଡେ କନା ଏବଂ ମୁଣ୍ଡ ଗୁଞ୍ଜିବା ପାଇଁ ଗୋଟେ ଚାଳଛପର ବାସ ଏତିକିରେ ସନ୍ତୁଷ୍ଟ ହୋଇଥାଏ ମାଟିର ସେହି ମଣିଷ । ମାଟି ସହ ମାଟି ରୋଜଗାର କରେ ନିଜ ପାଇଁ ନିଜ ପରିବାର ପାଇଁ, ଆଉ ତାପରେ ମାତାଲ ହୋଇ ନାଚି ଉଠେ ଢ଼ୋଲ, ମାନ୍ଦଳର ତାଳେ ତାଳେ । ସେହି ଭଳି ଏକ ଆଦିବାସୀ ନୃତ୍ୟ ହେଉଛି ମାନ୍ଦଲି' । ପଶ୍ଚିମ ଓଡ଼ିଶାର ବନ ପର୍ବତ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର କଳାହାଣ୍ଡି ଜିଲ୍ଲା । ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କର ଆଶୀର୍ବାଦରୁ ତାଙ୍କର ଛତ୍ରଛାୟା ତଳେ ଗଢ଼ି ଉଠିଥିବା ଏହି ଜିଲ୍ଲା ଆଦିବାସୀ ସଂସ୍କୃତି ତଥା ଲୋକ ସଂସ୍କୃତିକୁ ନେଇ ଆଜି ବିଶ୍ୱ ଦରବାରରେ ପରିଚିତ । ତନ୍ମଧରୁ ଏକ ନୃତ୍ୟ ପରମ୍ପରା ହେଉଛି 'ମାନ୍ଦଲି' । କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ ସମାଜ ନିଜର ଶ୍ରମ ଲାଘବ ପାଇଁ କରିଥାଏ ଏହି ନୃତ୍ୟଟି ।

ମାନ୍ଦଲି ନୃତ୍ୟ ଏକ ପୁରୁଷ ଭିତ୍ତିକ ନୃତ୍ୟ । ପଶ୍ଚିମ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଗଣ୍ଡ ସମ୍ପ୍ରଦାୟ ଏହି ନୃତ୍ୟକୁ ପରିବେଷଣ କରିଥାନ୍ତି । ଏହି ନୃତ୍ୟ ସାଧାରଣତଃ ଚୈତ୍ରପୂର୍ଣ୍ଣିମା, ପୌଷପୂର୍ଣ୍ଣିମା ନୂଆଖାଇ ତଥା ଭିନ୍ନ ଭିନ୍ନ ସାମାଜିକ ଅନୁଷ୍ଠାନରେ ପରିବେଷଣ କରାଯାଇଥାଏ ।

ଗଣ୍ଡ ସମ୍ପ୍ରଦାୟ ବୁଢ଼ାଦେଓ, ବୁଢ଼ାରଜା,



ଜନାଦେଓ (ଜଗନ୍ନାଥ) ତଥା ଲିଙ୍ଗା ଦେଓ (ଶିବ)ଙ୍କୁ ଆରାଧନା କରିଥାନ୍ତି । ବିଶ୍ୱାସ କରାଯାଏ ଯେ, ବୁଢ଼ାଦେଓ ଅବତାର ଗ୍ରହଣ କରି ଆବିର୍ଭାବ ହୁଅନ୍ତି ଏବଂ ସମ୍ପ୍ରଦାୟର ଲୋକମାନଙ୍କୁ କୃଷି ଯନ୍ତ୍ରପାତି ପ୍ରଦାନ କରିଥିଲେ ତା ସହିତ ସେମାନଙ୍କୁ କୃଷିକାର୍ଯ୍ୟର କୌଶଳ ମଧ ଶିଖେଇ ଥିଲେ । ପୁନଶ୍ଚ ଭଗବାନ ସେମାନଙ୍କୁ ଏସବୁ ସହ ଘର ଆସବାବ ପତ୍ର ମଧ ପ୍ରଦାନ କରିଥିଲେ । ଅବତାର ରୂପୀ ଭଗବାନ ସେମାନଙ୍କୁ ଉପଦେଶ ଦେଲେ ଯେ ତୁମେ ନିଜର ନୃତ୍ୟ ଗୀତ ମାଧମରେ ମୋର ଏହି ବାର୍ତ୍ତାକୁ ପ୍ରଚାର କର । ଆଉ ଏହା ବିଶ୍ୱାସ ରହିଛି ଯେ ସେହି ଦିନ ଠାରୁ ଏହି ନୃତ୍ୟ ଗଣ୍ଡ ସମ୍ପ୍ରଦାୟ ସହିତ ଜଡିତ ହୋଇ ରହିଛି । ଏହି ନୃତ୍ୟର ନାମକରଣ ଏଥିରେ ବ୍ୟବହାର ହେଉଥିବା ବାଦ୍ୟଯନ୍ତ୍ର 'ମାଦଳି'ରୁ ଉଦ୍ଧୃତ । ଏହି ନୃତ୍ୟରେ ମାଦଳି ବ୍ୟତୀତ ଆହୁରି ଅନେକ ଗୁଡିଏ ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଇଥାଏ । ଯଥା- ଟମକି, ବଂଶୀ, ଥୋଡ଼କେଲ, ଟେପକୋ, ଥୋପା, ଧୁତି, ଘୋଡ଼ା, ଜାଲ, ଗିରନା, ଦଣ୍ଡାରା, ନିମଁଲ, କଟୁଆ, ଟମିଆ । ନୃତ୍ୟରେ ବ୍ୟବହୃତ ହେଉଥିବା ବାଦ୍ୟଯନ୍ତ୍ର ସବୁ ନାଁରୁ ହିଁ ଜଣାଯାଉଛି ଏହାର ଘନିଷ୍ଠତା କୃଷିକାର୍ଯ୍ୟ ତଥା ଅନ୍ୟାନ୍ୟ ଭରଣପୋଷଣ ମାର୍ଗ ସହ । ଏହି ନୃତ୍ୟ ପରିବେଷଣ ବେଳେ ଭିନ୍ନ ପ୍ରକାର ଛନ୍ଦ ବା ପାର୍‌ର ବ୍ୟବହାର ରହିଛି ସେଗୁଡିକ ହେଲା-

ଦେବୀ ପାଠ/ ମାଦଳୀ ପ୍ରଥମ ପାର/ ବୁଢ଼ାରଜା ପାର, ଆଡ଼ ଘୁବୁଲିଆ ପାର, ପଏରି ପାର୍, ଝୁଲେନ୍ ପାର । ଏସବୁ ବ୍ୟତୀତ ଅନ୍ୟସବୁ ପାର ଗୁଡିକ ହେଲା ଢେଙ୍କିମରା ପାର୍, ସାରୁଧନ ପାର, ମକାପୁଲିଆ ପାର୍, ଉଡେନପାର୍ ।

ନୃତ୍ୟର ଯେଉଁମାନେ ଅଂଶ ଗ୍ରହଣ କରିଥାନ୍ତି ସେମାନେ ଅତି ସାଧାରଣ ଭାବେ ପୋଷାକ ପରିଧାନ କରିଥାନ୍ତି । ଯଥା ଧୋତି, ଗଞ୍ଜି, ଗାମୁଛା, ପଗଡ଼ି ଆଦି । ଏତଦ୍ ବ୍ୟତୀତ ସେମାନେ ପ୍ରକୃତିରୁ ମିଳୁଥିବା ବିଭିନ୍ନ ଫୁଲ ତଥା ରଙ୍ଗରେ ନିଜ ଶରୀର ତଥା ମୁଖ ମଣ୍ଡଳକୁ ଚିତ୍ରଣ କରିଥାନ୍ତି । ବହୁ ପୂର୍ବରୁ ଏହି ନୃତ୍ୟରେ ନାରୀମାନେ ମଧ ଅଂଶ ଗ୍ରହଣ କରୁଥିଲେ । ମାତ୍ର ସାମାଜିକ କଟକଣାକୁ ନଜରରେ ରଖି ନାରୀମାନେ ଏହି ନୃତ୍ୟରୁ ବାଦ୍ ପଡିଗଲେ ଏବଂ ଏହା ଏକ ପୁରୁଷଭିତ୍ତିକ ନୃତ୍ୟରେ ପରିବର୍ତ୍ତିତ ହୋଇଗଲା ।

ମୁଖ୍ୟତଃ ଏହି ନୃତ୍ୟ ମାଦଳି ପ୍ରତ୍ୟକ୍ଷ ରୂପରେ କୃଷିକାର୍ଯ୍ୟ ଏବଂ ତାର ଉନ୍ନତି ଉପରେ ପର୍ଯ୍ୟବେଶିତ । ମାତ୍ର ପ୍ରକୃତିର ଏହି ନୃତ୍ୟ ଦିନକୁଦିନ ହରାଇବାକୁ ବସିଛି ନିଜର ପରିଚୟ । ଆଧୁନିକତା ଗ୍ରାସି ଦେଇଛି ଏହାକୁ ମଧ । ତେବେ ବିଭିନ୍ନ ମହଲରୁ ସହାୟତା ସହଯୋଗ ଦ୍ୱାରା ହିଁ ଏହି ନିଛକ କଳାକୁ ବଞ୍ଚାଯାଇ ପାରିବ ।

**ଲୋକନୃତ୍ୟ ଗବେଷିକା**
**ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର**

## ଆଜିର ଚିନ୍ତନ

ବୁଦ୍ଧି-କୌଶଳର ନିଜସ୍ୱ ମହତ୍ତ୍ୱ ରହିଛି, କିନ୍ତୁ ତାହା କର୍ମ ରୂପରେ ପରିଣତ ହେଲେ ହିଁ ପ୍ରଭାବଶାଳୀ ହୋଇଥାଏ । ଏହାକୁ ଏପରି ମଧ କୁହାଯାଇପାରେ ଯେ ଜ୍ଞାନକୁ ହଜମ କରିବା ପାଇଁ କର୍ମର ଆବଶ୍ୟକତା ପଡ଼ିଥାଏ, ନଚେତ୍ ତାହା ଅଜୀର୍ଣ୍ଣତାକୁ ଜନ୍ମ ଦେଇଥାଏ ଏବଂ ବ୍ୟକ୍ତିତ୍ୱ ବିକୃତ ହେବାର ଆଧାର ହୋଇଥାଏ । ଏପରି ସ୍ଥିତିରେ ମାତ୍ର ଯୋଜନା ହିଁ ତିଆରି ହୋଇପାରେ, କିନ୍ତୁ ବାସ୍ତବରେ ତାହାର କୌଣସି ସ୍ୱରୂପ ଦେଖାଯାଏ ନାହିଁ ।

ଏଥିପାଇଁ କୁହାଯାଇଛି ଯେ ଅଜ୍ଞାନ, ଅବୋଧ ପଶୁମାନେ ମଧ ନିଜର ନିର୍ବାହ ଶାନ୍ତିପୂର୍ବକ କରିଥାନ୍ତି, କିନ୍ତୁ ପଶୁମାନଙ୍କର ଅନ୍ତଃକରଣ ଓ ବିବେକ ଯଦି ଜାଗ୍ରତ ନ ହୁଏ ସେହି ବୁଦ୍ଧି-କୌଶଳ ମାତ୍ର ଆତ୍ମ-ପ୍ରବଞ୍ଚନା ହୋଇ ରହିଯାଏ । ନୀତିକାର କହିଛନ୍ତି-

ଯସ୍ତୁ ମୂଢ଼ତମଂ ଲୋକେ ଯସ୍ତୁ ବୁଦ୍ଧି ପରଂଗତା ।
ଉଭୌତୋସୁଖମଶ୍ନୁ ତେ ମାନ୍ୟବମିତରୋଜନାଃ ।

ଅର୍ଥାତ୍ ସଂସାରରେ ଦୁଇ ଜଣ ସୁଖୀ ରହିଥାନ୍ତି । ଏକରେ ମୂଢ଼ତମ, ଦୁଇରେ ପାରଂଗତ ବୁଦ୍ଧି ଯୁକ୍ତ । ଅବଶିଷ୍ଟ ସମସ୍ତେ ଜୀବନରେ ଦୁଃଖୀ ହିଁ ଦେଖା ଯାଇଥାନ୍ତି । ଯେଉଁମାନେ ପେଟ ଭରିବା ଓ ପରିବାର ବଢ଼ାଇବା ଅତିରିକ୍ତ ଆଉ କିଛି ଚିନ୍ତା କରି ନଥାନ୍ତି, ସେମାନେ ମୂଢ଼ ଏବଂ ଯେଉଁମାନେ କର୍ମରେ ଜ୍ଞାନକୁ ନିରତ କରି ଜୀବନକୁ ପୂର୍ଣ୍ଣତାର ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚାଇଥାନ୍ତି ତଥା ସେହି ଆଧାରରେ ଶ୍ରେୟ-ସମ୍ମାନ ପ୍ରାପ୍ତ କରିବାର ଅଧିକାରୀ ହୋଇଥାନ୍ତି, ସେମାନେ ପାରଙ୍ଗତ ବୁଦ୍ଧି ଯୁକ୍ତ ଅଟନ୍ତି ।

ଯେପରି ଧନର ସଦୁପଯୋଗ କରା ନ ଗଲେ, ଠିକ୍ ରୂପେ ନିବେଶ କରା ନ ଗଲେ ସମୟ ଆସିଲେ ତାହା ଦୁର୍ଗତି-ଦୁର୍ଭାଗ୍ୟର ରାସ୍ତା ଖୋଲିଥାଏ, ସେହିପରି ଜ୍ଞାନର ନିବେଶ ମଧ କର୍ମ ରୂପରେ କରିବା ଅନିବାର୍ଯ୍ୟ ହୋଇଥାଏ । ଯଦି ତାହାକୁ କର୍ମ ରୂପରେ ପରିଣତ ହେବାର ଅବସର ନ ମିଳେ ତେବେ ତାହା ସଂଗ୍ରହକର୍ତ୍ତାକୁ ହଇରାଣ କରିଥାଏ ।

କେବଳ ଜ୍ଞାନର ସଞ୍ଚୟ ବୁଦ୍ଧିବିଳାସ ହୋଇ ରହିଯାଏ । ଏହା କୁମାର୍ଗ ନୁହେଁ, କିନ୍ତୁ ଏହାକୁ ସ୍ତୁତ୍ୟ ମଧ କୁହାଯାଇ ନ ପାରେ । ଜ୍ଞାନ କର୍ମରେ ପରିଣତ ହେଲେ ହିଁ ତାହାର ସାର୍ଥକତା ସିଦ୍ଧ ହୋଇଥାଏ । ଯେଉଁମାନେ ନିଜର ବୁଦ୍ଧି-କୌଶଳକୁ କର୍ମ ରୂପେ ପରିଣତ କରି ପାରନ୍ତି, ସେପରି ବ୍ୟକ୍ତିତ୍ୱ ମାନଙ୍କୁ ହିଁ ସମାଜ ମାର୍ଗଦର୍ଶକ ରୂପେ ସ୍ୱୀକାର କରିଥାଏ ।

ବର୍ଷ ୨୮, ସଂଖ୍ୟା - ୪, ୨୮ ଜାନୁଆରୀ - ୦୩ ଫେବୃଆରୀ ୨୦୨୪

# ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା

ଅଯୋଧାର ନିଜ ଜନ୍ମସ୍ଥାନ ଅଓ୍ୱଧ ପୁରରେ ନିର୍ମିତ ଭବ୍ୟ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କର ପ୍ରାଣ ପ୍ରତିଷ୍ଠା କରାଯାଇଛି । ଏଭଳି ଐତିହାସିକ ତଥା ପବିତ୍ର ଉତ୍ସବକୁ ଭାରତବାସୀ ସ୍ୱର୍ଗୀୟ ଆବେଗର ସହ ଅପେକ୍ଷା କରି ରହିଥିଲେ, ଯାହା ଦୀର୍ଘ ୫୦୦ ବର୍ଷପରେ ଫଳବତୀ ହୋଇଛି । ଏହି ଦିନକୁ ଭାରତ ଅପେକ୍ଷା କରିଥିଲା । କେବଳ ଶିଶୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାର ଦିନ ନୁହେଁ, ନିଜ ଦେବତାଙ୍କ ପ୍ରତି ଲୋକଙ୍କ ରହିଥିବା ପ୍ରଗାଢ଼ ବିଶ୍ୱାସର ମୁହୂର୍ତ୍ତ ଆଣିଦେଇଛି । ଅଯୋଧା ନୂତନ ବୈଭବରେ ଝଲସୁଛି । ଏଠାରେ ନ୍ୟାୟ ଓ ସତ୍ୟର ବିଜୟବାନା ଫରଫର ଉଡ଼ି ଇତିହାସ ରଚିଛି । ଏହି ପବିତ୍ର ମୁହୂର୍ତ୍ତ ସାମାଜିକ ସଦ୍‌ଭାବ ସୃଷ୍ଟି କରିଛି । ଶ୍ରୀରାମ ଜନ୍ମଭୂମି ମହାଯଜ୍ଞ କେବଳ ଆମ ସନାତନ ଧର୍ମ ଓ ବିଶ୍ୱାସ ପାଇଁ ପରୀକ୍ଷାର ମୁହୂର୍ତ୍ତ ହୋଇଛି ତାହା ନୁହେଁ, ଜାତିର ସାମଗ୍ରିକ ବିବେକକୁ ଜାଗ୍ରତ କରିଛି । ଯେତେବେଳେ ପୃଥିବୀର ଅନେକ ରାଷ୍ଟ୍ର ବିଭିନ୍ନ ସ୍ତରରେ ନିଜ ଦେବତାଙ୍କ ଜନ୍ମସ୍ଥାନ ପାଇବା ପାଇଁ ଲଢ଼େଇ କରୁଛନ୍ତି, ସେତେବେଳେ ଶ୍ରୀରାମଜନ୍ମଭୂମି ବିଶ୍ୱରେ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିପାରିଛି । ଜାତି, ବର୍ଣ୍ଣ, ଭାବନା ଓ ପୂଜା ଆଦି ନିର୍ବିଶେଷରେ ସବୁ ସାଧୁ, ସନ୍ନ୍ୟାସୀ, ନାଗା, ଶିଖ୍, ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତି, ବନବାସୀ ସମସ୍ତେ ଭଗବାନ ରାମଙ୍କ ପାଇଁ ସମର୍ପିତ ହୋଇ ଯାଇଛନ୍ତି । ପୃଥିବୀପୃଷ୍ଠର ସ୍ୱର୍ଗ ବୋଲି ଯେଉଁ ଅଯୋଧାକୁ କୁହାଯାଇଥାଏ, ତାହା ଶତାବ୍ଦୀବ୍ୟାପୀ ବହୁ ନିନ୍ଦା ଓ କୁତ୍ସାରଟନାର ଶିକାର ହୋଇଆସିଛି । ଯେଉଁ ଭୂଖଣ୍ଡରୁ ଆଦର୍ଶ ଶାସନ ଓ ସାମାଜିକ ସଦ୍‌ଭାବନାର ରାମରାଜ୍ୟ ଭଳି ଚିନ୍ତାଧାରାର ସୃଷ୍ଟି ହୋଇଥିଲା, ସେହିଠାରେ ରାମଙ୍କୁ ଆଜି ତାଙ୍କର ନିଜର ସ୍ଥିତି ଲାଗି ପ୍ରମାଣ ଦେବାକୁ ପଡ଼ିଛି । ରାମଙ୍କ ଜୀବନ ଆମକୁ ମାନବୀୟ ଚରିତ୍ର ଓ ଉଦାରତାର ଶିକ୍ଷା ଦେଇଥାଏ । ଦିନ, ମାସ, ବର୍ଷ ଏବଂ ଶତାବ୍ଦୀ ବିତିଚାଲିଛି, କିନ୍ତୁ ପ୍ରତିଟି ସକାଳ ଆସିଲେ ରାମଙ୍କ ଭକ୍ତ ମାନଙ୍କଠାରେ ନୂତନ ଶକ୍ତି ସଞ୍ଚାର ହୋଇଥାଏ । ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ୨୨ ଜାନୁଆରୀରେ ହେବ ବୋଲି ସାଧାରଣରେ ଘୋଷଣା ହେବା ପରେ ତାହାକୁ ପ୍ରତ୍ୟେକ ସନାତନୀ ଆକାଂକ୍ଷାର ସହ ଅପେକ୍ଷା କରି ରହିଥିଲେ । ଏଭଳି ଭବ୍ୟ ଉତ୍ସବ ଦେଖିବାର ଆନନ୍ଦ ଭାରତୀୟଙ୍କ ମଧରେ ଯେଭଳି ଦେଖିବାକୁ ମିଳିଛି, ତାହା ବିଗତ କେତେକ ଶତାବ୍ଦୀରେ ଦେଖାଯାଇ ନ ଥିବ ।

ଶୈବ, ବୈଷ୍ଣବ, ଗାଣପତ୍ୟ, ଶିଖ୍, ବୌଦ୍ଧ, ଜୈନ, ଦଶମୀ ଶଙ୍କର, ରାମାନନ୍ଦୀ, ରାମାନୁଜ, ନିମ୍ବାର୍କ, ମାଧବ, ବିଷ୍ଣୁନାମୀ, ରାମସାନେହୀ, ଘିସାପନ୍ଥୀ, ଘାର୍ବଦାସୀ, ଅକାଳୀ, ନିରହଙ୍କାରୀ, ଗୌଡ଼ୀୟ, କବୀରପନ୍ଥୀ, ଆଧାତ୍ମିକତା, ଧର୍ମୀୟ ଏବଂ ବିଭିନ୍ନ ପୂଜାବିଧିରେ ବିଶ୍ୱାସ କରୁଥିବା - ଆଚାର୍ଯ୍ୟଗଣ, ୧୫୦ ପରମ୍ପରାର ପ୍ରତିନିଧି, ବିଶିଷ୍ଟ ବନବାସୀ, ଗିରିବାସୀ, ଦ୍ୱୀପବାସୀ, ପ୍ରଜ୍ଞା ପୁରୁଷ, ରାଜନୀତି, ବିଜ୍ଞାନ, ଶିଳ୍ପ, କ୍ରୀଡ଼ା, କଳା, ସଂସ୍କୃତି, ସାହିତ୍ୟ କ୍ଷେତ୍ରରୁ ଆସିଥିବା ବିବିଧତାରେ ପୂର୍ଣ୍ଣ ଶ୍ରଦ୍ଧାଳୁ ଏଭଳି ଏକ ଉତ୍ସବରେ ଗୋଟିଏ ଛାତ ତଳେ ଏକତ୍ରିତ ହେବା ଅଭୂତପୂର୍ବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୪୦ କୋଟି ଭାରତୀୟଙ୍କ ଭାବନାକୁ ପ୍ରତିନିଧି କରି ଏଭଳି ବିରାଟ ଆଧାତ୍ମିକ ମହୋତ୍ସବ ଆୟୋଜନ କରିବାରେ ସଫଳ ହୋଇଛନ୍ତି ।


ଭାରତୀୟ ଇତିହାସରେ ଏହା ପ୍ରଥମ ଘଟଣା ଯେ, ପାହାଡ଼, ପର୍ବତ, ଉପକୂଳ ଅଞ୍ଚଳ, ଦ୍ୱୀପ ଆଦି ବିଭିନ୍ନ ଆଡୁ ଶ୍ରଦ୍ଧାଳୁ ଆସି ଗୋଟିଏ ଜାଗାରେ ଏକତ୍ରିତ ହୋଇଥିଲେ । ଏହା ଅତୁଳନୀୟ । ଅଯୋଧା ଧାମ ଏବେ ମିନି ଭାରତରେ ପରିଣତ ହୋଇଯାଇଛି । ଅଯୋଧା ଧାମ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିରେ ଏବେ ରାମ ପର୍ଯ୍ୟଟକ ଏବଂ ସମଗ୍ର ବିଶ୍ୱର ବିଭିନ୍ନ କୋଣରୁ ଆସୁଥିବା ଗବେଷକମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା କରାଯାଇଛି । ଏଠାରେ ଅନ୍ତର୍ଜାତୀୟ ବିମାନନ୍ଦର, ବିସ୍ତୀର୍ଣ୍ଣ ରେଳ ଷ୍ଟେସନ, ଚାରିରୁ ଛ' ଲେନ୍ ବିଶିଷ୍ଟ ସଡ଼କ ସଂଯୋଗ, ହେଲିପ୍ୟାଡ୍, ସୁବିଧାଜନକ ହୋଟେଲ ଓ ଗେଷ୍ଟହାଉସ୍ ଉପଲବଧି ଅଛି । ଅଯୋଧାରେ ସମସ୍ତ ପ୍ରକାର ସହରୀ ବ୍ୟବସ୍ଥା ମିଳିପାରିବ । ପଞ୍ଚକୋଶୀ, ଚୌଦାହକୋଶୀ ଓ ଚୌରାଶୀକୋଶୀ ପରିକ୍ରମାର ଆଖପାଖରେ ଥିବା ସମସ୍ତ ଧର୍ମ, ପ୍ରାଚୀନ ଓ ଐତିହାସିକ ସ୍ଥାନଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇଚାଲିଛି । ଫଳରେ ସଂସ୍କୃତିର ସଂରକ୍ଷଣ, ପର୍ଯ୍ୟଟନର ପ୍ରସାର, ପ୍ରଚାର ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ଏହା ବିଶେଷ ସହାୟକ ହୋଇପାରିବ । ଅଯୋଧାରେ ରାମମନ୍ଦିର ନିର୍ମାଣ ଭାରତର ସାଂସ୍କୃତିକ ଜାଗ୍ରତର ଆଧାତ୍ମିକ ଘଟଣା ହୋଇଯାଇଛି । ନିଃସନ୍ଦେହରେ କୁହାଯାଇପାରେ ଯେ, ରାମଲାଲାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଜାତୀୟ ଗର୍ବର ଏକ ଐତିହାସିକ ମୁହୂର୍ତ୍ତ ଆଣିଦେଇଛି । ଅଓ୍ୱଧ ପୁରୀରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେଉଛି ଭାରତରେ ରାମରାଜ୍ୟର ଘୋଷଣା । ଶିଶୁରାମଙ୍କ ଏଠାରେ ପ୍ରତିଷ୍ଠା ଲୋକଙ୍କୁ ପ୍ରେରଣା ଦେଇଚାଲୁଥିବ । ଭାରତର ଇତିହାସ ମୋଟ ଉପରେ ହେଉଛି ଆକ୍ରମଣକାରୀଙ୍କ ସହିତ ବିଗତ ଦେଢ଼ ହଜାର ବର୍ଷର ନିରନ୍ତର ସଂଘର୍ଷର ଇତିହାସ । ପ୍ରାରମ୍ଭିକ ସମୟରେ ସେହି ଆକ୍ରମଣ କେବଳ ଲୁଟତରାଜ ଉଦ୍ଦେଶ୍ୟରେ ହୋଇଥିଲା ଏବଂ କେବେ କେବେ (ଆଲେକ୍‌ଜାଣ୍ଡରଙ୍କର ଭଳି ଆକ୍ରମଣ) ସେମାନଙ୍କର ରାଜ୍ୟ ସ୍ଥାପନ କରିବା ପାଇଁ ହୋଇଥିଲା । କିନ୍ତୁ ପଶ୍ଚିମରୁ ହୋଇଥିବା ଆକ୍ରମଣ ସଂପୂର୍ଣ୍ଣ ସମାଜର ବିନାଶ ଏବଂ ବିଚ୍ଛିନ୍ନତାବାଦର ଇତିହାସକୁ ସାଥିରେ ନେଇ ଆସିଥିଲା । ଦେଶ ଓ ସମାଜକୁ ହତୋତ୍ସାହିତ କରିବା ପାଇଁ ଧାର୍ମିକ ସ୍ଥଳ ନଷ୍ଟ କରିବା ଅନିବାର୍ଯ୍ୟ ଥିଲା, ତେଣୁ ବିଦେଶୀ ଆକ୍ରମଣକାରୀମାନେ ଭାରତରେ ମନ୍ଦିର ମଧ ନଷ୍ଟ କରିଥିଲେ । ଏହି କାର୍ଯ୍ୟ ସେମାନେ ଥରେ ଦୁଇ ଥର ନୁହେଁ ବରଂ ଅନେକ ଥର କରିଥିଲେ । ଭାରତୀୟ ସମାଜକୁ ହତୋତ୍ସାହିତ କରିବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ, ଯଦ୍ୱାରା ଭାରତୀୟମାନେ ସ୍ଥାୟୀ ଭାବେ ଦୁର୍ବଳ ହୋଇ ପଡ଼ିବେ ଏବଂ ତାଙ୍କ ଉପରେ ନିରବଚ୍ଛିନ୍ନ ଶାସନ କରିବା ସମ୍ଭବ ହେବ । ଏହି ଉଦ୍ଦେଶ୍ୟରେ ଅଯୋଧାରେ ଶ୍ରୀରାମ ମନ୍ଦିର ଧ୍ୱଂସ କରାଯାଇଥିଲା । ଆକ୍ରମଣକାରୀଙ୍କ ଏହି ନୀତି କେବଳ ଅଯୋଧା ଭଳି ମନ୍ଦିରରେ ସୀମିତ ନ ରହି ସଂପୂର୍ଣ୍ଣ ବିଶ୍ୱ ପାଇଁ ଅଭିପ୍ରେତ ଥିଲା । ଭାରତୀୟ ଶାସକମାନେ କେବେ ହେଲେ ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ର ଉପରେ ଆକ୍ରମଣ କରିନାହାନ୍ତି । କିନ୍ତୁ ବିଶ୍ୱର ଅନ୍ୟାନ୍ୟ ଶାସକ ବୃନ୍ଦ ନିଜ ନିଜ ରାଜ୍ୟ ବିସ୍ତାର ପାଇଁ ଆକ୍ରମଣାତ୍ମକ ମନୋଭାବ ନେଇ ଏଭଳି କୁକାର୍ଯ୍ୟ କରିଛନ୍ତି । ହେଲେ ଭାରତବର୍ଷରେ ଏହାର ପରିଣାମ ସେଭଳି ହୋଇ ନଥିଲା, ଯେମିତି ସେମାନେ ଆଶା କରିଥିଲେ । ଏହାର ବିପରୀତ ଭାରତୀୟ ସମାଜ ନିଜର ଆସ୍ଥା, ନିଷ୍ଠା ଓ ମନୋବଳକୁ କମ୍ ହେବାକୁ ଦେଇ ନଥିଲା । ସମାଜ ନତମସ୍ତକ ହୋଇନଥିଲା । ସମାଜ ଏହାର ପ୍ରତିବାଦ କରିବା ନିମନ୍ତେ ସଂଘର୍ଷ ଜାରି ରଖିଥିଲା । ଏହି କାରଣରୁ ରାମଙ୍କ ଜନ୍ମସ୍ଥାନ ଉପରେ ନିଜର ଆଧିପତ୍ୟ ହାସଲ କରି ସେଠାରେ ମନ୍ଦିର ନିର୍ମାଣର ପ୍ରଚେଷ୍ଟା ବାରମ୍ବାର ଜାରି ରହିଥିଲା । ଏଥି ନିମନ୍ତେ ଅନେକ ସଂଘର୍ଷ, ଯୁଦ୍ଧ ଓ ବଳିଦାନ ହୋଇଛି ।

୧୮୫୭ ମସିହାରେ ବିଦେଶୀ ଅର୍ଥାତ୍ ବ୍ରିଟିଶ୍ ଶକ୍ତି ବିରୋଧରେ ଯୁଦ୍ଧ ନିମନ୍ତେ ହିନ୍ଦୁ ଓ ମୁସଲମାନ ମିଳିମିଶି ଯୋଜନା ପ୍ରସ୍ତୁତ କରିଥିଲେ ଏବଂ ପରସ୍ପର ମଧରେ ବିଚାର ବିନିମୟ ଜାରି ରହିଥିଲା । ସେହି ସମୟରେ ଏଭଳି ପରିସ୍ଥିତି ହେଲା ଯଦ୍ୱାରା ଗୋହତ୍ୟା ନିଷେଧ ଏବଂ ରାମ ଜନ୍ମଭୂମି ମୁକ୍ତି ପ୍ରକରଣର ସମାଧାନ ହୋଇଯିବା ଭଳି ପ୍ରତୀୟମାନ ହେଲା । ନିଜ ଘୋଷଣା ପତ୍ରରେ ବାହାଦୂର ଶାହା ଜାଫର ଗୋହତ୍ୟା ଉପରେ ପ୍ରତିବନ୍ଧ ମଧ ସମ୍ମିଳିତ କରିଥିଲେ । ଏଣୁ ସମଗ୍ର ସମାଜ ଏକଜୁଟ ହୋଇ ଲଢ଼ିଥିଲା । ଏହି ଯୁଦ୍ଧରେ ଭାରତୀୟମାନେ ବହୁ ପରାକ୍ରମ ଦେଖାଇଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ଯୁଦ୍ଧ ବିଫଳ ହେଲା ଏବଂ ଭାରତକୁ ସ୍ୱତନ୍ତ୍ରତା ମିଳି ପାରିଲା ନାହିଁ । ବ୍ରିଟିଶ୍ ଶାସନ ଜାରି ରହିଲା କିନ୍ତୁ ରାମମନ୍ଦିର ନିମନ୍ତେ ସଂଘର୍ଷ ଥମି ଯାଇ ନଥିଲା । ଇଂରେଜମାନେ ହିନ୍ଦୁ ଓ ମୁସଲମାନଙ୍କ ମଧରେ 'ବିଭାଜନ ସୃଷ୍ଟି କର ଓ ରାଜୁତି କର' ନୀତି ପୂର୍ବରୁ ଚଳାଇ ଆସୁଥିଲା ଏବଂ ଏହି ଦେଶର ପ୍ରକୃତି ଅନୁସାରେ ଉକ୍ତ ନୀତି ଏଠାରେ ଅଧିକରୁ ଅଧିକ ମଜବୁତ ହୋଇ ଚାଲିଲା । ଏକତାକୁ ଭାଙ୍ଗିବା ନିମନ୍ତେ ଇଂରେଜମାନେ ଏହି ସଂଘର୍ଷର ନାୟକମାନଙ୍କୁ ଅଯୋଧାରେ ଫାଶୀ ଦେଇଥିଲେ ଏବଂ ରାମ ଜନ୍ମଭୂମି ମୁକ୍ତିର ପ୍ରଶ୍ନ ଯଥାବତ୍ ରହିଗଲା । ହେଲେ ରାମ ମନ୍ଦିର ନିମନ୍ତେ ସଂଘର୍ଷ ଚାଲିରହିଲା ।

୧୯୪୭ ମସିହାରେ ସ୍ୱତନ୍ତ୍ରତା ପ୍ରାପ୍ତି ପରେ ଯେତେବେଳେ ସର୍ବସମ୍ମତିକ୍ରମେ ସୋମନାଥ ମନ୍ଦିରର ଜୀର୍ଣ୍ଣୋଦ୍ଧାର କରାଗଲା ସେତେବେଳେ ଏହିଭଳି ମନ୍ଦିରମାନଙ୍କ ବିଷୟରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହେଲା । ରାମ ଜନ୍ମଭୂମିର ମୁକ୍ତିସମ୍ବନ୍ଧରେ ଏହିଭଳି ସର୍ବସମ୍ମତି କ୍ରମେ ବିଚାର କରାଯାଇ ପାରିଥାନ୍ତା, କିନ୍ତୁ ରାଜନୀତିର ଦିଗ ବଦଳି ଯାଇଥିଲା । ଭେଦଭାବ ପୂର୍ଣ୍ଣ ତଥା ତୁଷ୍ଟୀକରଣର ସ୍ୱାର୍ଥପର ରାଜନୀତି ପ୍ରଚଳିତ ହେବା ଯୋଗୁଁ ଏ ପ୍ରଶ୍ନଗୁଡ଼ିକ ପୂର୍ବ ଭଳି ପଡ଼ିରହିଲା । ସରକାର ଏହି ବିଷୟରେ ହିନ୍ଦୁ ସମାଜର ଇଚ୍ଛା ସମ୍ପର୍କରେ କୌଣସି ବିଚାର କରି ନ ଥିଲେ । ବରଂ ସମାଜ ଦ୍ୱାରା ଚାଲିଥିବା ପ୍ରଚେଷ୍ଟାକୁ ଧ୍ୱସ୍ତ କରିବାର ଚେଷ୍ଟା କରାଗଲା ।

ସ୍ୱତନ୍ତ୍ରତା ପୂର୍ବରୁ ଚାଲିଥିବା ଆଇନଗତ ଲଢ଼େଇ ନିରନ୍ତର ଚାଲୁ ରହିଲା । ରାମ ଜନ୍ମଭୂମି ମୁକ୍ତି ନିମନ୍ତେ ୧୯୮୦ ଦଶକରେ ଜନଆନ୍ଦୋଳନ ଆରମ୍ଭ ହେଲା ଏବଂ ତାହା ତିରିଶ ବର୍ଷ ଧରି ଜାରି ରହିଲା । ୧୯୪୯ ମସିହାରେ ରାମ ଜନ୍ମଭୂମିରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମୂର୍ତ୍ତି ଆବିର୍ଭାବ ହୋଇଥିଲା । ୧୯୮୬ରେ ଅଦାଲତ ଆଦେଶ ବଳରେ ମନ୍ଦିର ତାଲା ଖୋଲାଗଲା । ପରବର୍ତ୍ତୀ ସମୟରେ ଅନେକ ଅଭିଯାନ ତଥା କରସେବା ମାଧମରେ ହିନ୍ଦୁ ସମାଜର ସଂଘର୍ଷ ଜାରି ରହିଥିଲା । ୧୩୪ ବର୍ଷର ଆଇନଗତ ସଂଘର୍ଷ ପରେ ୯ ନଭେମ୍ବର ୨୦୧୯ରେ ସୁପ୍ରିମ୍ କୋର୍ଟ ତଥ୍ୟ ଓ ସତ୍ୟ ଆଧାରରେ ଏକ ସୁଷମ ରାୟ ଦେଲେ । ଅଦାଲତରେ ସମସ୍ତ ପକ୍ଷର ତର୍କ ଶୁଣିବା ପରେ ଏହି ରାୟ ଶୁଣାଇ ଦିଆଯାଇଥିଲା । ଏହି ନିଷ୍ପତ୍ତି ଅନୁସାରେ ମନ୍ଦିର ନିର୍ମାଣ ନିମନ୍ତେ ଏକ ନ୍ୟାସ ମଣ୍ଡଳ ସ୍ଥାପନା କରାଗଲା । ୫ ଅଗଷ୍ଟ ୨୦୨୦ ଦିନ ମନ୍ଦିରର ଭୂମି ପୂଜନ କରାଗଲା ଏବଂ ପୌଷ ଶୁକ୍ଳ ଦ୍ୱାଦଶୀ, ଯୁଗାବ୍ଦ ୫୧୨୫ ଅନୁସାରେ ୨୨ ଜାନୁଆରି ୨୦୨୪ ଦିନ ଶ୍ରୀରାମ ଲଲାଙ୍କ ମୂର୍ତ୍ତି ସ୍ଥାପନା ଓ ପ୍ରାଣ ପ୍ରତିଷ୍ଠା ଆୟୋଜିତ ହେବା ପାଇଁ ଦିନ ଧାର୍ଯ୍ୟ ହେଲା । ଧାର୍ମିକ ଦୃଷ୍ଟିକୋଣରୁ ଶ୍ରୀରାମଚନ୍ଦ୍ର ବହୁସଂଖ୍ୟକ ସମାଜର ଆରାଧ ଦେବତା ଏବଂ ଶ୍ରୀରାମଚନ୍ଦ୍ରଙ୍କ ଜୀବନ ଆଜି ମଧ ସଂପୂର୍ଣ୍ଣ ସମାଜ ଦ୍ୱାରା ସ୍ୱୀକୃତ ଆଚରଣର ଆଦର୍ଶ ଅଟେ । ତେଣୁ ପକ୍ଷ ବିପକ୍ଷ ମଧରେ ଯେଉଁ ଅକାରଣ ବିବାଦ ଛିଡ଼ା ହୋଇଛି ତାହା ସମାପ୍ତ କରିଦେବା ଉଚିତ । ଏହା ମଧରେ ଉତ୍ପନ୍ନ ହେଉଥିବା ଉତ୍ତେଜନା ମଧ ସମାପ୍ତ ହୋଇଯିବା ଉଚିତ । ସମାଜର ପ୍ରବୁଦ୍ଧ ବ୍ୟକ୍ତିମାନେ ଉଦ୍ୟମ କରିବା ଉଚିତ ଯେମିତି ବିବାଦ ସଂପୂର୍ଣ୍ଣ ରୂପରେ ସମାପ୍ତ ହୋଇଯିବ । ଅଯୋଧାର ଅର୍ଥ ହେଉଛି 'ଯେଉଁଠି ଯୁଦ୍ଧ ହୁଏ ନାହିଁ' । ସଂପୂର୍ଣ୍ଣ ଦେଶରେ ଏହି ମନୋଭାବ ନେଇ ଅଯୋଧାର ପୁନର୍ନିର୍ମାଣ ହେଉଛି ଆଜିର ଆବଶ୍ୟକତା ଏବଂ ଏହା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣର ଏହି ଅବସରଟି ରାଷ୍ଟ୍ରୀୟ ଗୌରବର ପୁନର୍ଜାଗରଣର ପ୍ରତୀକ । ଏହା ଆଧୁନିକ ଭାରତୀୟ ସମାଜ ଦ୍ୱାରା ଭାରତର ଆଚରଣ ଓ ମର୍ଯ୍ୟାଦାର ସ୍ୱୀକୃତି ।

ସତ୍ୟ, ନିଷ୍ଠା, ଶକ୍ତି, ପରାକ୍ରମ ସହିତ କ୍ଷମା ଏବଂ ସମସ୍ତଙ୍କ ସହିତ ବ୍ୟବହାରରେ ନମ୍ରତା, ହୃଦୟର ସୌମ୍ୟତା ଏବଂ କର୍ତ୍ତବ୍ୟ ପାଳନରେ ନିଜ ପ୍ରତି କଠୋରତା ଆଦି ଶ୍ରୀରାମଙ୍କ ଗୁଣ ଅନୁକରଣ କରି ନିଜ ଜୀବନରେ ଏବଂ ନିଜ ପରିବାରର ସମସ୍ତଙ୍କ ଜୀବନରେ ପରିବର୍ତ୍ତନ ଆଣିବାର ପ୍ରୟାସ କରିବାକୁ ହେବ । ଏଥିସହିତ ନିଜ ରାଷ୍ଟ୍ରୀୟ ଜୀବନକୁ ଦୃଷ୍ଟିରେ ରଖି ସାମାଜିକ ଜୀବନ ମଧ ଅନୁଶାସିତ କରିବାକୁ ହେବ । ଆମେ ସମସ୍ତେ ଜାଣୁ ଯେ, ଶ୍ରୀରାମ ଓ ଲକ୍ଷ୍ମଣ ଏହି ଅନୁଶାସନ ବଳରେ ୧୪ ବର୍ଷର ବନବାସ ଏବଂ ଶକ୍ତିଶାଳୀ ରାବଣ ସହିତ ସଂଘର୍ଷକୁ ସଫଳତା ପୂର୍ବକ ପୂରଣ କରିଥିଲେ । ଶ୍ରୀରାମଚନ୍ଦ୍ରଙ୍କ ଚରିତ୍ରରେ ପ୍ରତିବିମ୍ବିତ ନ୍ୟାୟ, କରୁଣା, ସଦ୍‌ଭାବ, ନିରପେକ୍ଷତା ଭଳି ସାମାଜିକ ଗୁଣଗୁଡ଼ିକ ପୁଣି ଥରେ ସମାଜରେ ପରିବ୍ୟାପ୍ତ କରିବାକୁ ହେବ । ଶୋଷଣମୁକ୍ତ, ସମାନ ନ୍ୟାୟ ଆଧାରିତ, ଶକ୍ତି ସହ କରୁଣାସମ୍ପନ୍ନ ଏକ ପୁରୁଷାର୍ଥୀ ସମାଜ ନିର୍ମାଣ କରିବା ହିଁ ଶ୍ରୀରାମଙ୍କ ପୂଜା ହେବ ।



# ପ୍ରାର୍ଥନାର ସାରମର୍ମ

ମହାତ୍ମା ଗାନ୍ଧୀ

ସକାଳର ପ୍ରାର୍ଥନାରେ ବୋଲା ଯାଉଥିବା ଆଉ ଗୋଟିଏ ଶ୍ଳୋକରେ କୁହାଯାଇଛି, 'ମୁଁ ପାର୍ଥିବ କ୍ଷମତା ଇଚ୍ଛା କରେନାହିଁ, ସ୍ୱର୍ଗକୁ ଯିବାକୁ ଇଚ୍ଛା କରେନାହିଁ, ଏପରିକି ନିର୍ବାଣ ଲାଭ କରିବାକୁ ମଧ ଚାହେଁନାହିଁ । ଯନ୍ତ୍ରଣାରେ ପୀଡ଼ିତ ହେଉଥିବା ବ୍ୟକ୍ତିମାନଙ୍କର ଯନ୍ତ୍ରଣାକୁ ମୁଁ ଯେପରି ଦୂର କରିପାରେ, ମୁଁ କେବଳ ସେତିକି କାମନା କରୁଛି । ଏହି ଯନ୍ତ୍ରଣା ଶାରୀରିକ ହୋଇପାରେ, ମାନସିକ କିମ୍ବା ଆଧାତ୍ମିକ ମଧ ହୋଇପାରେ । ନିଜର କାମନାଗୁଡ଼ିକର ଦାସ ହୋଇ ରହିଥିବାରୁ ଯେଉଁ ଆଧାତ୍ମିକ ଯନ୍ତ୍ରଣା ଭୋଗିବାକୁ ହୁଏ, ବେଳେବେଳେ ତାହା ଶାରୀରିକ ଯନ୍ତ୍ରଣାଠାରୁ ମଧ ଅଧିକ ତୀବ୍ର ହୋଇଥାଏ । ମାତ୍ର ଭଗବାନ ବ୍ୟକ୍ତିଗତ ଭାବରେ ଯନ୍ତ୍ରଣା ଦୂର କରାଇବା ନିମନ୍ତେ କଦାପି ଆସନ୍ତି ନାହିଁ । ସିଏ ମନୁଷ୍ୟକୁ ହିଁ ନିମିତ୍ତରୂପେ ବ୍ୟବହାର କରି କାର୍ଯ୍ୟ କରିଥାନ୍ତି । ତେଣୁ, ଅନ୍ୟମାନଙ୍କର ଯନ୍ତ୍ରଣାକୁ ଦୂର କରିବା ନିମନ୍ତେ ଆମକୁ ସାମର୍ଥ୍ୟ ଦେବାଲାଗି ଭଗବାନଙ୍କୁ କରା ଯାଉଥିବା ପ୍ରାର୍ଥନା ସେଥିପାଇଁ ଉଦ୍ୟମ କରିବାଲାଗି ଆମ ପକ୍ଷରେ ଅଭୀପ୍ସା ରଖିବା ଏବଂ ପ୍ରସ୍ତୁତ ହୋଇ ରହିବାକୁ ହିଁ ବୁଝାଇବ ।

ପ୍ରାର୍ଥନାଟିରେ କୌଣସି ବାଛବିଚାର ନାହିଁ । ଏହାକୁ କେବଳ ନିଜର ଜାତି କିମ୍ବା ଗୋଷ୍ଠୀ ମଧରେ ସୀମିତ କରି ରଖା ଯାଇନାହିଁ । ସେଥିରେ ସମସ୍ତେ ଅନ୍ତର୍ଗତ ହୋଇ ରହିଛନ୍ତି । ଏହା ନିଜ ସମ୍ମୁଖରେ ସମଗ୍ର ମାନବସମାଜକୁ ହିଁ କ୍ଷେତ୍ରରୂପେ ଦେଖୁଛି । ଏହାର ଉପଲବ୍ଧି ପୃଥିବୀ ପୃଷ୍ଠରେ ଭଗବାନଙ୍କର ରାଜ୍ୟକୁ ପ୍ରତିଷ୍ଠା କରିବାକୁ ହିଁ ବୁଝାଇବ ।

ଯଥାର୍ଥ ଧାନର ଅର୍ଥ ହେଉଛି ମନର ଆଖି ଏବଂ କାନଗୁଡ଼ିକୁ ଆପଣାର ଉପାସ୍ୟ ବସ୍ତୁଟି ଛଡ଼ା ଆଉ ସବୁକିଛି ଲାଗି ବନ୍ଦ କରି ରଖିବା । ତେଣୁ ପ୍ରାର୍ଥନା ସମୟରେ ଆଖି ବୁଜି ରଖିବା ଦ୍ୱାରା ଆମକୁ ଏହି ପରି ସଂକେନ୍ଦ୍ରଣ ନିମନ୍ତେ ଏକ ସାହାଯ୍ୟ ମିଳି ଥାଏ । ମନୁଷ୍ୟ ଭଗବାନଙ୍କ ବିଷୟରେ ସ୍ୱଭାବତଃ ସୀମିତ କଳ୍ପନା ହିଁ କରିଥାଏ । ତେଣୁ, ତାଙ୍କର ଯେଉଁ ରୂପଟି ଆମକୁ ସର୍ବାଧିକ ଆବେଦନ କରିପାରିବ, ଆମେ ତାଙ୍କୁ ସେହିପରି ରୂପରେ ଭାବିବା ଅସଲ କଥା ହେଉଛି, ଆମ କଳ୍ପନାଟି ଶୁଦ୍ଧ ହୋଇଥିବ ଏବଂ ଆମକୁ ଉତ୍ତୋଳିତ କରାଇ ନେଇ ପାରୁଥିବ ।

ଈଶ୍ୱର ତା' ନିଜ ଭିତରେ ରହିଛନ୍ତି ବୋଲି ଯାହାର ଦୃଢ଼ ପ୍ରତ୍ୟୟ ରହିଛି, ସେ ହିଁ ଯଥାର୍ଥ ପ୍ରାର୍ଥନା କରିପାରେ । ଯାହାର ସେହି ପ୍ରତ୍ୟୟଟି ନାହିଁ, ତା'ର ପ୍ରାର୍ଥନା କରିବାଲାଗି ପ୍ରୟୋଜନ ନାହିଁ । ସେଥିରେ ଭଗବାନ ଆଦୌ କ୍ଷୁବ୍ଧ ହେବେନାହିଁ । ମାତ୍ର ନିଜ ଅଭିଜ୍ଞତାରୁ ମୁଁ ଏକଥା କହି ପାରିବି ଯେ, ଯିଏ ପ୍ରାର୍ଥନା ନ କରେ, କ୍ଷତି କେବଳ ତାହାରି ହୁଏ ।

ତେଣୁ, ଜଣେ ବ୍ୟକ୍ତି ଭଗବାନଙ୍କୁ ବ୍ୟକ୍ତି ହିସାବରେ ଓ ଆଉ ଜଣେ ଏକ ଶକ୍ତି ହିସାବରେ ଯେ ପୂଜା କରୁଛି, ସେଥିରେ ପ୍ରକୃତରେ କ'ଣ ଯାଏ ଆସେ ? ପ୍ରତ୍ୟେକେ ନିଜ ନିଜର ଆଲୋକ ଅନୁସାରେ ହିଁ ଠିକ୍ କାର୍ଯ୍ୟଟି କରୁଥାନ୍ତି । ପ୍ରାର୍ଥନା କରିବା ନିମନ୍ତେ କେଉଁଟି ସମ୍ପୂର୍ଣ୍ଣ ଭାବରେ ଯଥାର୍ଥ, ସେ କଥାକୁ ଦୁହିଁଙ୍କ ମଧରୁ କେହି ବେଶୀ ଜାଣି ନଥାନ୍ତି, ସମ୍ଭବତଃ କେବେହେଲେ ଜାଣି ମଧ ପାରିବେ ନାହିଁ । ଆଦର୍ଶ ଚିରଦିନ ଆଦର୍ଶ ହୋଇ ହିଁ ରହିବ । ଆମେ କେବଳ ଏତିକି ମନେ ରଖିବା ଯେ, ଯାବତୀୟ ଶକ୍ତି ମଧରେ ଭଗବାନ ହେଉଛନ୍ତି ପରମ ଶକ୍ତି । ଅନ୍ୟ ସମସ୍ତେ ଭୌତିକ ଶକ୍ତି । ମାତ୍ର ଭଗବାନ ହେଉଛନ୍ତି ସେହି ଅସଲ ଆଧାର ଶକ୍ତି ବା ଅମ୍ଭା, ଯିଏକି ସର୍ବବ୍ୟାପ୍ତ ହୋଇ ରହିଛନ୍ତି, ସବୁକିଛିକୁ ଆବୋରି ରହିଛନ୍ତି । ତେଣୁ, ମନୁଷ୍ୟର ଜ୍ଞାନପରିଧିର ଅତୀତ ହୋଇ ରହିଛନ୍ତି ।

# ସ୍ୱର୍ବେଦ

ଦ୍ୱିତୀୟ ଅଧ୍ୟାୟ

**ପ୍ରୀତି ରୀତି ୱହ ଧନ୍ୟ ହୈ, ବନତ ପ୍ରିତମ କର ରୂପ ।**
**ରୂପ ୱିଜାତି ଅଭାୱ ମେଁ, ଆପ ସ୍ୱଧର୍ମ ଅନୂପ ॥୦୧॥**

ଭାଷ୍ୟ - ସେହି ପ୍ରୀତି ଧନ୍ୟ ଅଟେ ଯେଉଁ ପ୍ରୀତି ପ୍ରିୟତମର ସ୍ୱରୂପ ବନେଇ ଦିଏ ଆଉ ବିଜାତୀୟ ସ୍ୱରୂପର ଅଭାବରେ ନିଜ ଅନୁମପ ପ୍ରିୟତମର ଧର୍ମକୁ ପ୍ରାପ୍ତ ହୋଇଯାଏ ।

**ସାଧନ ୱହ ପର ଧନ୍ୟ ହୈ, ଜେହି ସାଧନ ସବ ଆୟ ।**
**ଅନୁପମ ଅଗମ ଅଗାଧ୍ୱ ମେଁ, ଅନୁଭୱ ଅଲଖ ଲଖାୟ ॥୦୨॥**

ଭାଷ୍ୟ - ସେହି ଶ୍ରେଷ୍ଠ ସାଧନା ଧନ୍ୟ ଅଟେ ଯେଉଁଥିରେ ସମସ୍ତ ସାଧନା ଆସିଯାଏ ଏବଂ ଯାହା ଦ୍ୱାରା ଅଗମ୍ୟ-ଗମ୍ୟ, ଅନୁପମ, ଅଦୃଶ୍ୟ ଏବଂ ତତ୍ତ୍ୱ ଅନୁଭବରେ ପ୍ରତ୍ୟକ୍ଷ ହୋଇଥାଏ । ପ୍ରକୃତିପାର ବିହଙ୍ଗମ ଯୋଗର ସାଧନା ବଳରେ ଅଗୋଚର ପରଂବ୍ରହ୍ମ ତତ୍ତ୍ୱ ଅନୁଭବ ପ୍ରତ୍ୟକ୍ଷ ଏବଂ ସାକ୍ଷାତ୍କାର ହୋଇଥାଏ ।

**ୱହ ଉନ୍ନତି ୱର ଧନ୍ୟ ହୈ, ସବ ଉନ୍ନତି ଜେହି ଆୟ ।**
**ଶେଷ ମିଲନ କୁଛ ହୈ ନହୀଁ, ଜେହି ଅପ୍ରାପ୍ତ ରହ ଜାୟ ॥୦୩॥**

ଭାଷ୍ୟ - ଜୀବନର ସେହି ସର୍ବୋତ୍କୃଷ୍ଟ ବିକାଶ ଧନ୍ୟ ଅଟେ ଯେଉଁଥିରେ ସର୍ବାଙ୍ଗୀନ ଉନ୍ନତି ହୋଇଥାଏ ଅଥବା ଯେଉଁଥିରେ ଅପ୍ରାପ୍ତ ବୋଲି କୌଣସି ବସ୍ତୁ ରହିଯାଏ ନାହିଁ ।

**ୱହ ତ ପରମ ସୁଖ ଧନ୍ୟ ହୈ, ଜେହି ମହଁ ସବ ସୁଖ ଆୟ ।**
**ଜେହି ମହଁ ଦୁଖ ନହିଁ ଲେଶ ହୈ, ସହଜ ସ୍ୱଭାୱ ରହାୟ ॥୦୪॥**


ଭାଷ୍ୟ - ସେହି ପରମ ସୁଖ ଧନ୍ୟ ଅଟେ, ଯେଉଁଥିରେ ସମସ୍ତ ସୁଖ ସମାହିତ ହୋଇଯାଏ; ଯେଉଁଥିରେ ଦୁଃଖର ଲେଶମାତ୍ର ସମ୍ବନ୍ଧ ନାହିଁ, ଯାହା ସ୍ୱାଭାବିକ ରୂପରେ ଆତ୍ମାକୁ ସର୍ବଦା ପ୍ରାପ୍ତ ହୋଇଥାଏ ।

**ୱହ ତୋ ଅୱସ୍ଥା ଧନ୍ୟ ହୈ, ଚେତନ ଚେତନ ଭାୱ ।**
**ଚେତନ ଦୃଶ୍ୟ ଅନନ୍ତ ହୈ, ଚେତ ଅସୀମ ସମାୱ ॥୦୫॥**

ଭାଷ୍ୟ - ସେହି ଅବସ୍ଥା ଧନ୍ୟ ଅଟେ ଯେଉଁଥିରେ ଚେତନ ସହିତ ଚେତନର ସମ୍ବନ୍ଧ ରହିଥାଏ ଆଉ ଜ୍ଞାନମୟ ପରିପୂର୍ଣ୍ଣ ଅନନ୍ତ ଚେତନ ଦୃଶ୍ୟର ପ୍ରାପ୍ତି ନିଜ ଭିତରେ ଅନୁଭବ ହୋଇଥାଏ ।

**ୱହ ଅୱସ୍ଥା ଧନ୍ୟ ହୈ, ସବ କୁଛ କର କ୍ରିୟ ନାହିଁ ।**
**ସର୍ୱ ଭୋଗ କର ନହିଁ କରେ, ପଦ୍ମ ପତ୍ର ଜଲ ମାହିଁ ॥୦୬॥**

ଭାଷ୍ୟ - ସେହି ସ୍ଥିତି ଧନ୍ୟ ଅଟେ, ଯେଉଁଥିରେ ସବୁକିଛି କରି ସୁଦ୍ଧା କିଛି କରିହୁଏ ନାହିଁ ଏବଂ ଜଳରେ ପଦ୍ମ ପତ୍ର ସଦୃଶ ନିର୍ଲେପ ରହି ସମସ୍ତ ଭୋଗଗୁଡ଼ିକୁ ଉପଭୋଗ କରି ମଧ୍ୟ ସେଗୁଡ଼ିକର ଭୋଗ କରିହୁଏ




ନାହିଁ । ଯୋଗଜୀତ ସ୍ଥିତିରେ ଇନ୍ଦ୍ରିୟମାନଙ୍କର ଭୋଗ ପ୍ରାପ୍ତ ହୋଇ ସୁଦ୍ଧା ସେମାନଙ୍କର ବିଷୟ ପ୍ରତି ଆକର୍ଷଣ ହୁଏ ନାହିଁ । ସେଥିପାଇଁ ସେହି ଅସଙ୍ଗ ବିରକ୍ତ ଅବସ୍ଥାରେ ହେଉଥିବା କର୍ମମାନଙ୍କରେ ଯୋଗୀ ବିଦେହୀ ହୋଇ ତାହାର ଉପଭୋକ୍ତା ହୋଇଥାଏ । ସେଥିପାଇଁ ସେହି କର୍ମଗୁଡ଼ିକରେ ଯୋଗୀକୁ ନିର୍ଲେପ ବୋଲି ଅଭିହିତ କରାଯାଇଛି ।

**ୱହ ତୋ ପଦାରଥ ଧନ୍ୟ ହୈ, ଜୋ ଦେଖତ ନହିଁ ଦେଖ ।**
**ସ୍ପର୍ଶ ନହୀଁ ଅସ୍ପର୍ଶ ହୈ, ମିଲତ ୱୌର ରହ ଶେଷ ॥୦୭॥**

ଭାଷ୍ୟ - ସେହି ପଦାର୍ଥ ଧନ୍ୟ ଅଟେ, ଯାହା ଦେଖି ସୁଦ୍ଧା ଦେଖି ହୁଏନାହିଁ, ସ୍ପର୍ଶ କରି ସୁଦ୍ଧା ସ୍ପର୍ଶ ହୁଏ ନାହିଁ, ପ୍ରାପ୍ତ ହୋଇ ସୁଦ୍ଧା ପ୍ରାପ୍ତ ହୁଏ ନାହିଁ ।

**ୱହ ତୋ ଦେଶ ପର ଧନ୍ୟ ହୈ, ଜହାଁ ନ ଦୁଖ ସୁଖ ତାପ ।**
**ପୂରଣାନନ୍ଦ ୱିଲାସ ହୈ, ଭୟ ଅଦ୍ୱୈତ ପ୍ରତାପ ॥୦୮॥**

ଭାଷ୍ୟ- ସେହି ସର୍ବୋତ୍କୃଷ୍ଟ ଦେଶ ଧନ୍ୟ ଅଟେ, ଯେଉଁଠାରେ ଦୁଃଖ ସୁଖ, ଶୋକ କିମ୍ବା ତାପ ତିଳେମାତ୍ର ନାହିଁ । ସେଠାରେ କେବଳ ଏକରସ ପ୍ରକାଶମାନ ପରମାନନ୍ଦର ଉପଭୋଗ ହୋଇଥାଏ ।

**ୱହ ତୋ ଅୱସ୍ଥା ଧନ୍ୟ ହୈ, ମନ ମାୟା ନହିଁ ଭାୱ ।**
**ଜଗ ସୁଷୋପ୍ତି ଇୱ ନହିଁ ରହେ, ଶବ୍ଦ ହିଁ ଶବ୍ଦ ପ୍ରଭାୱ ॥୦୯॥**

ଭାଷ୍ୟ - ସେହି ଅବସ୍ଥା ଧନ୍ୟ ଅଟେ, ଯେଉଁଠାରେ ମନ ତଥା ତାହାର ମାୟା ରହେନାହିଁ । ଯେଉଁଥିରେ ନିଦ୍ରା ସମାନ ସଂସାରର ଅଭାବ ହୋଇଯାଏ, ଏକମାତ୍ର ଶବ୍ଦ ହିଁ ଶବ୍ଦର ପ୍ରକାଶ ପ୍ରଦୀପ୍ତ ରହିଥାଏ ।

**ୱହ ଯୋଗୀ ଜଗ ଧନ୍ୟ ହୈ, ଯୋଗୀ ମେଁ ଜଗ ନହିଁ ।**
**ଅନୁଭୱ ଯୋଗ ପ୍ରତାପ ସେ, ସବ ହିତ କର ଜଗ ମହିଁ ॥୧୦॥**

ଭାଷ୍ୟ - ସଂସାରରେ ସେହି ଯୋଗୀ ଧନ୍ୟ ଅଟନ୍ତି, ଯିଏ ସଂସାର ଭିତରେ ରହିଥାନ୍ତି କିନ୍ତୁ ତାଙ୍କଠାରେ ସଂସାର ରହେନାହିଁ । ସେହି ଜୀବନ୍ମୁକ୍ତ ଯୋଗୀ ନିଜ ଯୋଗବଳର ପ୍ରଭାବରେ ସଂସାରର ସମସ୍ତ ଜୀବମାନଙ୍କର କଲ୍ୟାଣ କରିଥାନ୍ତି ।

**ୱହ ତରଙ୍ଗ ୱର ଧନ୍ୟ ହୈ, ଛୁଟତ ନ ବଦଲତ ସୋୟ ।**
**ସୁଖ ଶାନ୍ତି ସତ୍ତା ରହୈ, ସବ ରଙ୍ଗ ମହ ରଙ୍ଗ ସୋୟ ॥୧୧॥**

ଭାଷ୍ୟ - ସେହି ସର୍ବଶ୍ରେଷ୍ଠ ରଙ୍ଗ ଧନ୍ୟ ଅଟେ ଯାହା କଦାପି ଛାଡ଼େ ନାହିଁ କିମ୍ବା ବଦଳେ ନାହିଁ । ସେହି ତତ୍ତ୍ୱରେ ସର୍ବଦା ସୁଖ ଶାନ୍ତି ଏକ ସମାନ ହୋଇଥାଏ । ସେହି ସବୁ ରଙ୍ଗଗୁଡ଼ିକରେ ରଙ୍ଗ ଲାଗି ରହିଛି । ସେହି ବ୍ୟାପକ ପରଂବ୍ରହ୍ମ ସର୍ବସ୍ୱରୂପ ସମସ୍ତ ସତ୍ତାରେ ଏକରସ ପରିପୂର୍ଣ୍ଣ ବ୍ୟାପକ ଅଟନ୍ତି ।

**ୱହ ତୋ ପଦାରଥ ଧନ୍ୟ ହୈ, ଜେହି ୱିଯୋଗ ନହିଁ ହୋୟ ।**
**ସଦା ନିରନ୍ତର ମିଲନ ହୈ, ଓତପ୍ରୋତ ରହ ସୋୟ ॥୧୨॥**

ଭାଷ୍ୟ - ସେହି ପଦାର୍ଥ ଧନ୍ୟ ଅଟେ, ଯାହାର ବିୟୋଗ କଦାପି ହୁଏ ନାହିଁ । ଯାହା ସର୍ବଦା ସମସ୍ତଙ୍କ ସହିତ ଓତଃପ୍ରୋତ ଭାବରେ ବ୍ୟାପ୍ତ ।

**ୱହ ତୋ କୂପ ୱର ଧନ୍ୟ ହୈ, ଅମିତ ପୂର୍ଣ୍ଣ ରସ ଜାହି ।**
**ଅର୍ଧମୁଖୀ ୟହ କୂପ ହୈ, ଧନ୍ୟ ଡୋର ଜେହି ମାହିଁ ॥୧୩॥**

ଭାଷ୍ୟ - ସେହି ସୋମରସ ପରିପୂର୍ଣ୍ଣ କୂପ ଧନ୍ୟ ଅଟେ ଯାହା ନିମ୍ନମୁଖୀ ଅଟେ । ସେ ଧନ୍ୟ ମଧ୍ୟ ଅଟନ୍ତି ଯାହାର ସମ୍ପର୍କ ଏହି କୂପ ସହିତ ଜଡ଼ିତ ହୋଇ ରହିଛି ।

**କୂପ ନୀର ୱହ ଧନ୍ୟ ହୈ, ପାନ ତୃଷା କର ନାଶ ।**
**ଶୀତଲ ଶାନ୍ତି ସୁବାସ ହୈ, ଶୁଦ୍ଧ ସ୍ୱରୂପ ପ୍ରକାଶ ॥୧୪॥**

ଭାଷ୍ୟ - ସେହି କୂପର ଜଳ ଧନ୍ୟ ଅଟେ ଯାହାର ଜଳ ପାନକଲେ ଆତ୍ମାର ଶୋଷ ମେଣ୍ଟିଯାଏ ଆଉ ନିଜର ଶୁଦ୍ଧ ସ୍ୱରୂପର ପ୍ରକାଶରେ ଶୀତଳତା, ଶାନ୍ତି ଏବଂ ସୁଗନ୍ଧ ପ୍ରାପ୍ତ ହୁଏ ।

**ୱହ ଆସନ ୱର ଧନ୍ୟ ହୈ, ଧର ଅଧରା କେ ପାର ।**
**ଜେହି ଆସନ ସାହେବ ମିଲୈ, ନହିଁ ଜାନତ ସଂସାର ॥୧୫॥**

ଭାଷ୍ୟ - ସେହି ସର୍ବଶ୍ରେଷ୍ଠ ଆସନ ଧନ୍ୟ ଅଟେ, ଯାହା ପୃଥିବୀ ଆଉ ଆକାଶର ଊର୍ଦ୍ଧ୍ୱରେ ଏବଂ ଯାହା ଦ୍ୱାରା ପରମପ୍ରଭୁ ପ୍ରାପ୍ତ ହୋଇଥାନ୍ତି କିନ୍ତୁ ତାକୁ ସଂସାର ଜାଣିପାରେ ନାହିଁ ।

**ୱହ ସଦ୍‌ଗୁରୁ ମମ ଧନ୍ୟ ହୈ, ନର ସେ ଦେୱ ବନାୟ ।**
**ସଦା ରହେ ମମ ପାସ ମେଁ, ଆଭା ଆୱ ସମାୟ ॥୧୬॥**

ଭାଷ୍ୟ - ମୋର ସେହି ଗୁରୁଦେବ ଧନ୍ୟ ଅଟନ୍ତି, ଯିଏ ମନୁଷ୍ୟକୁ ଦେବତା କରିଦିଅନ୍ତି ଏବଂ ଯିଏ ସର୍ବଦା ମୋ ପାଖରେ ରହିଥାନ୍ତି ତଥା ଯାହାଙ୍କର ଆଭା ମୋ ମୁଖମଣ୍ଡଳକୁ ପ୍ରତିଭାତ କରେ ।

**ସୂରଜ ଦେଖନ କେ ଲିୟେ, ଦୀପକ କା ନହିଁ କାମ ।**
**ସଦ୍‌ଗୁରୁ କେ ପହିଚାନ ମେଁ, କୱନ ଜ୍ଞାନ ଗୁଣ ନାମ ॥୧୭॥**

ଭାଷ୍ୟ - ସୂର୍ଯ୍ୟଙ୍କୁ ଦେଖିବା ନିମନ୍ତେ ଯେପରି ଦୀପର କୌଣସି ଆବଶ୍ୟକତା ହୋଇ ନ ଥାଏ ଠିକ୍ ସେହିପରି ସଦ୍‌ଗୁରୁଙ୍କୁ ଚିହ୍ନିବା ନିମନ୍ତେ କେଉଁ ଜ୍ଞାନ, ନାମ ଆଉ ଗୁଣର ଆବଶ୍ୟକତା ଅଛି ? ସଦ୍‌ଗୁରୁ ସମସ୍ତ ଜ୍ଞାନ-ବିଜ୍ଞାନର ଆତ୍ମା ଅଟନ୍ତି । ତାଙ୍କୁ ଚିହ୍ନିବା ନିମନ୍ତେ ଅନ୍ୟ କୌଣସି ସାଧନର ଆବଶ୍ୟକତା ପଡ଼େ ନାହିଁ । ସୂର୍ଯ୍ୟଙ୍କୁ ଜାଣିବା ନିମିତ୍ତ ଯେପରି ଅନ୍ୟ ପ୍ରକାଶର ଆବଶ୍ୟକତା ହୁଏ ନାହିଁ, ଠିକ୍ ସେହିପରି ଆଧ୍ୟାତ୍ମ ବିଦ୍ୟାର ମାର୍ତ୍ତଣ୍ଡ ସଦ୍‌ଗୁରୁଙ୍କୁ ଜାଣିବା ପାଇଁ ଅନ୍ୟ କୌଣସି ଜ୍ଞାନ ଅଥବା ପ୍ରକାଶର ଆବଶ୍ୟକତା ଲୋଡ଼ା ହୁଏନାହିଁ । ସେ ସ୍ୱତଃ ପ୍ରକାଶ ସ୍ୱରୂପ ସଂସାରର ସମସ୍ତ ଅଜ୍ଞାନ, ମୋହ ଏବଂ ଅନ୍ଧକାରକୁ ଦୂର କରିଥାନ୍ତି, ଏହା ହିଁ ତାଙ୍କର ପରିଚୟ ।

**ନିଶା ନିୱୃତ୍ତି ପ୍ରକାଶ ମେଁ, ସୂରଜ କୋ ଜଗ ମାନ ।**
**ସଦ୍‌ଗୁରୁ ପାରଖି କେ ଲିୟେ, ଅନ୍ୟ ନହୀଁ ପରମାନ ॥୧୮॥**

ଭାଷ୍ୟ - ସୂର୍ଯ୍ୟଙ୍କର ପ୍ରକାଶରେ ରାତ୍ରିର ନିବୃତ୍ତି ହୁଏ, ଏହା ସଂସାରରେ ସର୍ବଜ୍ଞାତ ଏବଂ ପ୍ରସିଦ୍ଧ ଅଟେ । ସେହି ପ୍ରକାର ସଦ୍‌ଗୁରୁଙ୍କ ଦ୍ୱାରା ହିଁ ମୋହ, ତମଃ ଏବଂ ଅଜ୍ଞାନର ନିବୃତ୍ତି ହୋଇଥାଏ । ଏହା ହିଁ ତାଙ୍କର ପରିଚୟର ସାଧନ ଅଟେ । ଏତଦ୍ ଭିନ୍ନ ଅନ୍ୟ କୌଣସି ପ୍ରମାଣ ନାହିଁ ।

**ଆପ୍ତ ପୁରୁଷ କା ୱଚନ ହୀ, ଜଗ କୋ ହୈ ପରମାନ ।**
**ଆପ୍ତ ଆପ୍ତ ପହିଚାନତେ, ୱା ଅନୁରାଗୀ ଜାନ ॥୧୯॥**

ଭାଷ୍ୟ - ଆପ୍ତ ସଦ୍‌ଗୁରୁଙ୍କର ବଚନ ହିଁ ସଂସାର ପାଇଁ ପ୍ରମାଣ ଅଟେ । ଆପ୍ତ ଯୋଗୀକୁ ଯୋଗୀ ହିଁ ଚିହ୍ନି ପାରନ୍ତି ଅଥବା ପ୍ରଭୁ ଅନୁରାଗୀ ଭକ୍ତ ଅନନ୍ୟ ଶରଣଦାସ କେବଳ ଚିହ୍ନି ପାରନ୍ତି ।

**ଶିଷ୍ୟ ହଁସ ୱହ ଧନ୍ୟ ହୈ, ସଦ୍‌ଗୁରୁ ସେୱା ଜୀତ ।**
**ଆଜ୍ଞା ଭଙ୍ଗ ନ କରତ ହୈ, ପ୍ରେତ କାଲ ନହିଁ ମୀତ ॥୨୦॥**

ଭାଷ୍ୟ - ସେହି ଶିଷ୍ୟ ଧନ୍ୟ ଅଟେ ଯିଏ ସଦ୍‌ଗୁରୁଙ୍କର ଆଜ୍ଞାକାରୀ ଏବଂ ସେବାକାରୀ ଅଟେ । କଦାପି ଗୁରୁ ଆଜ୍ଞାକୁ ଅମାନ୍ୟ କରେ ନାହିଁ ଏବଂ ସ୍ୱତନ୍ତ୍ର ତଥା ମନମୁଖୀ ହୋଇ କୌଣସି ପ୍ରକାର ବିରୁଦ୍ଧାଚରଣ କରେନାହିଁ ।

**ସଦ୍‌ଗୁରୁ ୱିମୁଖୀ ମନମୁଖୀ, ଜୀୱ ପରେ ଭୱଧାର ।**
**ଲଖ ଚୌରାସୀ ଭରମିୟା, ଲାଗ ନ ୟୁକ୍ତି ୱିଚାର ॥୨୧॥**

ଭାଷ୍ୟ - ସଦ୍‌ଗୁରୁଙ୍କ ବିରୁଦ୍ଧାଚରଣକାରୀ ଜୀବ ପତିତ ହୋଇ ଭବସାଗରରେ ଭାସିଯାଇ ଚୌରାଶୀ ଲକ୍ଷ ଯୋନିରେ ଭ୍ରମଣ କରିଥାଏ । ସେମାନଙ୍କର ନିବୃତ୍ତି ନିମନ୍ତେ କୌଣସି ଉପାୟ କିମ୍ବା ବିଚାର ନାହିଁ ।

## ଡିମେନ୍‌ସିଆକୁ ନିୟନ୍ତ୍ରଣ କରେ ଆମିନୋ ଏସିଡ୍



ଡିମେନ୍‌ସିଆ ହେଉଛି ଏକ ସ୍ନାୟୁଜନିତ ରୋଗ । ଏଥିରେ ଆକ୍ରାନ୍ତ ଲୋକଙ୍କର ମସ୍ତିଷ୍କ ବିକାଶରେ ବାଧା ସୃଷ୍ଟି ହେବା ସହ ଶାରୀରିକ, ମାନସିକ ଓ ବ୍ୟବହାରିକ କ୍ଷେତ୍ରରେ ପରିବର୍ତ୍ତନ ଆସିଥାଏ । ତେଣୁ ଏହାକୁ ପ୍ରତିହତ କରିବା ପାଇଁ ଆମିନୋ ଏସିଡ୍ ଥିବା ୭ଟି ଜିନିଷର ସମ୍ମିଶ୍ରଣରେ ପ୍ରସ୍ତୁତ ହୋଇଛି 'ଆମିନୋ ଏଲ୍‌ପି୭' । ଟୋକିଓସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଏ ବିଷୟରେ ଉଲ୍ଲେଖ କରାଯାଇଛି । କେବଳ ସେତିକି ନୁହେଁ, ଏଭଳି ସ୍ୱାସ୍ଥ୍ୟ ସମସ୍ୟାରୁ ଉପଶମ ଦେବାରେ ଉପରୋକ୍ତ ମିଶ୍ରଣ ଅନେକାଂଶରେ ସହାୟକ ହେବ ବୋଲି ଉକ୍ତ ଇନ୍‌ଷ୍ଟିଚ୍ୟୁଟ୍‌ର ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି । ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ଡିମେନ୍‌ସିଆ ରୋଗୀଙ୍କ ଠାରେ ଏହି ମିଶ୍ରଣକୁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇଥିଲା । ତା'ସହ ଏଥିରୁ ଅନେକାଂଶରେ ସଫଳତା ମିଳିଥିଲା ବୋଲି ବିଶେଷଜ୍ଞମାନେ ପ୍ରକାଶିତ ରିପୋର୍ଟରେ ଦର୍ଶାଇଛନ୍ତି । ତା' ସହ ଜଣେ ଡିମେନସିଆ ରୋଗୀ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଦରକାର ।

## ଟିକିଏ ହସନ୍ତୁ

ଭାଇ ଭଉଣୀକୁ : ତୁ ଏବେ ମତେ କୁକୁର କହିଲୁ ?
ଭଉଣୀ କିଛି ଉତ୍ତର ନ ଦେବାରୁ ଭାଇ ପୁଣିଥରେ ରାଗିକି : ତୁ ଏବେ ମତେ କକୁର କହିଲୁ କି ?
ଭଉଣୀ : ନା କହିନି । ହେଲେ ଏବେ ତୁ ଦୟାକରି ଭୁକିବା ବନ୍ଦ କର ।

× × ×

ପ୍ରଥମ ସାଙ୍ଗ : ତୁ ଯେତେବେଳେ ଟେନ୍‌ସନ୍‌ରେ ଥାଉ କ'ଣ କରୁ ?
ଦ୍ୱିତୀୟ ସାଙ୍ଗ : ମୁଁ ମନ୍ଦିର ପଳାଏ ।
ପ୍ରଥମ ସାଙ୍ଗ : ବହୁତ ଭଲ । ଠାକୁରଙ୍କ ପାଖକୁ ଯାଇ ତା'ହେଲେ ଧାନ କରୁ ।
ଦ୍ୱିତୀୟ ସାଙ୍ଗ : ନାଁ ମୁଁ ଧାନ କରେନା ।
ଲୋକଙ୍କ ଚପଲ ମିକ୍ସ କରିଦିଏ ।
ପ୍ରଥମ ସାଙ୍ଗ : କ'ଣ ପାଇଁ ?
ଦ୍ୱିତୀୟ ସାଙ୍ଗ : ଚପଲ ଖୋଜିବା ବେଳେ ଲୋକଙ୍କ ଟେନସନ୍ ଦେଖି ମୋ ଟେନସନ ଦୁରେଇଯାଏ ।

× × × ×



ଶିକ୍ଷକ : କହିଲ ପିଲେ, କୋଉ ଚଢ଼େଇର ପର ଥାଇ ବି ଉଡିପାରେନା ?
ମଣ୍ଟୁ : ସାର୍, ମୁଁ କହିବି ।
ଶିକ୍ଷକ : କହ ।
ମଣ୍ଟୁ : ମରି ଯାଇଥିବା ଚଢ଼େଇ ।

× × × ×

ସ୍ୱାମୀ : ଆଜିଠୁ ଚା' ଆମେ ପାଖ ଚା' ଦୋକାନରୁ ପିଇବା ।
ସ୍ତ୍ରୀ : ମୁଁ ଚା' କରି କରି ଥକି ପଡୁଛି ବୋଲି ଏମିତି ନିଷ୍ପତ୍ତି ନେଇଛ ନା କ'ଣ ?
ସ୍ୱାମୀ : ନା । ମୁଁ କପ୍ ଧୋଇ ଧୋଇ ଥକି ପଡିଲିଣି ସେଇଥିପାଇଁ ।

× × × × ×

ମାଲିକ ଚାକରକୁ : ଟାଇମ୍ କେତେ ହେଇଚି କହିଲୁ ।
ଚାକର : ଆଜ୍ଞା, ମତେ ଟାଇମ୍ ଦେଖି ଆସେନା ।
ମାଲିକ : ହଉ, ଖାଲି ଏତିକି କହ ବଡ଼ କଣ୍ଟା ଓ ସାନ କଣ୍ଟା କୋଉଠି ଅଛି ?
ଚାକର : ଦୁଇଟା ଯାକ ଘଣ୍ଟା ଭିତରେ ଅଛି ।
ମାଲିକ : ହେ, ଭଗବାନ ।

× × × × ×

ବସ୍‌ରେ ଜଣେ ଯୁବତୀ ଜଣେ ଯୁବକଙ୍କୁ : ପ୍ଲିଜ୍ ସିଟ୍ ମତେ ଦିଅନ୍ତୁ ।
ଯୁବକ : କାହିଁକି ଦେବି ?
ଯୁବତୀ : ଦେଖୁଛନ୍ତି ଜଣେ ସୁନ୍ଦର ଯୁବତୀ ନିଃସହାୟ ହୋଇ ଠିଆ ହେଇଛି, ତାକୁ ସିଟ୍ ଦେଇ ପାରିବେନି ?
ଯୁବକ : ତମେ ମୋ ସହ ବିବାହ କରି ନିଅ ।
ଯୁବତୀ : ପାଗଳ ନା କ'ଣ ?
କାହିଁକି ବାହା ହେବି ?
ଯୁବକ : ଦେଖୁଛ ଜଣେ କୁଆଁରା ହ୍ୟାଣ୍ଡସମ୍ ଯୁବକ ଏକୁଟିଆ ବୁଲୁଛି । ତମେ ତାକୁ ବାହା ହୋଇପାରିବନି ? ବାହା ହେଇଗଲେ ତମେ ବି ଆଉ ନିଃସହାୟ ରହିବନି ।

## କାଙ୍କଡର ଉପକାରିତା

କାଙ୍କଡ଼କୁ ଔଷଧ ରୂପେ ମଧ ବ୍ୟବହାର କରାଯାଏ । ବହୁ ସ୍ଥାନରେ ଏହାକୁ ମିଠା କଲରା କୁହାଯାଏ । କାଙ୍କଡ଼ରେ ଗଚ୍ଛିତ ଆଣ୍ଟି ଆଲର୍ଜି ତତ୍ତ୍ୱ ଶରୀରକୁ ସର୍ଦ୍ଦି କାଶ ଓ ମୋଟାପଣରୁ ରକ୍ଷା କରିଥାଏ ।

**ମଧୁମେହ:** କାଙ୍କଡ଼ ନିୟମିତ ଖାଇଲେ ବ୍ଲଡ ସୁଗାର ମାତ୍ରା କଣ୍ଟ୍ରୋଲରେ ରହିଥାଏ । ଯାହାକି ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ । ମଧୁମେହ ରୋଗୀ କାଙ୍କଡ଼ ଜୁସ୍ ପିଇବା ଉଚିତ୍ ।

**ରକ୍ତଚାପ:** କାଙ୍କଡ଼ରେ ମୋମୋରଡିସିନ୍ ତତ୍ତ୍ୱ ରହିଛି । ଏହା ଆଣ୍ଟିଅକ୍ସିଡାଣ୍ଟ ଭଳି କାମ କରେ । ଏହି ତତ୍ତ୍ୱ ଉଚ୍ଚରକ୍ତ ଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

**ଏନର୍ଜେଟିକ:** କାଙ୍କଡ଼ରେ ଥିବା ପ୍ରୋଟିନ, ଭିଟାମିନ୍, ମିନେରାଲ୍ସ ଶରୀର ଲାଗି ଶକ୍ତିଦାୟକ । ଏହାକୁ ଖାଇବା ଦ୍ୱାରା ଆପଣ ଦିନସାରା ଏନର୍ଜେଟିକ୍ ରହିବେ ।



**କୋଷ୍ଠକାଠିନ୍ୟ:** ଡାଇଟ୍ରି ଫାଇଭରରେ ଭରପୂର କାରଣରୁ କାଙ୍କଡ଼ ପାଚନ କ୍ରିୟା ଲାଗି ଉତ୍ତମ । ଏହା ଦ୍ୱାରା ପେଟ ସମସ୍ୟା ରହିନଥାଏ । କାଙ୍କଡ଼ ଖାଦ୍ୟକୁ ହଜମ କରାଇ ମେଟାବଲିଜିମକୁ ସକ୍ରିୟ କରିଥାଏ ।

**କ୍ୟାନସର:** ଅନୁସନ୍ଧାନରୁ ଜଣାପଡିଛି ଯେ, କାଙ୍କଡ଼ରେ ଥିବା ଲ୍ୟୁଟେନ ଓ କେରୋଟେନୋଇଡସ୍ ଭଳି ତତ୍ତ୍ୱ ବିଭିନ୍ନ ପ୍ରକାର କ୍ୟାନସର ହେବାକୁ ଦେଇ ନଥାଏ ।

**ଦୃଷ୍ଟିଶକ୍ତି ବୃଦ୍ଧି:** ଏହା କ୍ୟାରୋଟିନାଇଡରେ ଭରପୁର । ଏହା ଆଖି ପାଇଁ ଖୁବ୍ ଲାଭଦାୟକ । ପ୍ରତିଦିନ ଏହାକୁ ଖାଇବା ଫଳରେ ଦୃଷ୍ଟି ଶକ୍ତି ବୃଦ୍ଧି ପାଇଥାଏ ।

**ବିଷାକ୍ତ ମୁକ୍ତ:** ଅନୁସନ୍ଧାନରୁ ଜଣାପଡିଛି କି କାଙ୍କଡ଼ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିଦେଇଥାଏ ।

**ତ୍ୱଚା:** ତ୍ୱଚାର ଚମକ ଆଣିବାରେ କାଙ୍କଡ଼ ସହାୟକ ହୋଇଥାଏ । କାଙ୍କଡ଼ ଖାଇବା ଫଳରେ ବ୍ରଣ, ଦାଗ ସମସ୍ୟା ଆଦି ମୁହଁରୁ ଦୂର ହୋଇଯାଏ ।

**ଓଜନ ନିୟନ୍ତ୍ରଣ କରେ:** କାଙ୍କଡ଼ରେ ରହିଥିବା କ୍ୟାଲୋରି ମାତ୍ରା ବହୁ କମରେ ଆସିଥାଏ । ଏଥିପାଇଁ କାଙ୍କଡ଼ ଖାଇବା ଫଳରେ ଓଜନ କମ ହୋଇଯାଏ । ଯଦି ଆପଣ ଓଜନ କମ୍ କରିବାକୁ ଚାହୁଁଛନ୍ତି ତେବେ କାଙ୍କଡ଼ ନିୟମିତ ଖାଆନ୍ତୁ ।

**ଥଣ୍ଡାରୁ ରକ୍ଷା:** ଶୀତ ଜନିତ ରୋଗ ଥଣ୍ଡାରୁ ମୁକ୍ତି ପାଇବା ପାଇଁ କାଙ୍କଡ଼ ଖାଆନ୍ତୁ । ଶୀତ ଦିନିଆ ଆଲର୍ଜିରୁ ମଧ ଏହା ମୁକ୍ତି ଦିଏ ।

## ଆପଣ ଜାଣନ୍ତି କି ?

- ସମୁଦ୍ରର ଗଭୀରତା ମାପିବା ପାଇଁ ପାଥୋମିଟର ନାମକ ଯନ୍ତ୍ର ବ୍ୟବହାର କରାଯାଏ ।
- ଭାରତର ପ୍ରଥମ ମୁସଲମାନ ରାଷ୍ଟ୍ରପତି ଥିଲେ ଡକ୍ଟର ଜାକିର ହୁସେନ୍ ।
- ଜଳକୁ ବିଶୁଦ୍ଧ କରିବା ପାଇଁ ଫିଟିକିରିର ବ୍ୟବହାର କରାଯାଏ ।
- ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗଭର୍ଣ୍ଣର ହେଉଛନ୍ତି ସକ୍ତିକାନ୍ତ ଦାସ ।
- କାରାକାସ୍ ହେଉଛି ଭେନେଜୁଏଲା ଦେଶର ରାଜଧାନୀ ।
- ଭେନେଜୁଏଲା ମୁଦ୍ରାର ନାମ ହେଉଛି ଭେନେଜୁଏଲାନ୍ ବୋଲିଭାର ।
- ଭାଟ୍ ପ୍ରଥମ କରି ଫ୍ରାନ୍ସରେ ଲାଗୁ କରାଯାଇଥିଲା ।
- ବ୍ଲଡ ପ୍ରେସର ବା ରକ୍ତଚାପ ମାପିବା ପାଇଁ ସ୍ଫାଇଗୋମୋମାନୋମିଟର ବ୍ୟବହାର କରାଯାଏ ।
- ସାରା ଭାରତରେ ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟ ସଂଖ୍ୟା ୯ ।
- ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଧିକ ସଂଖ୍ୟକ ମାନବ ସମ୍ବଳ ହରାଇଥିବା ଦେଶ ହେଉଛି ଜାପାନ ।
- ଲଣ୍ଡନରେ ଥିବା ବ୍ରିଟିଶ୍ ମ୍ୟୁଜିୟମ୍ ହେଉଛି ପୃଥିବୀର ସବୁଠାରୁ ବଡ଼ ମ୍ୟୁଜିୟମ୍ ।
- ଭାରତରେ ୨ ଲକ୍ଷରୁ ଉର୍ଦ୍ଧ ଏଟିଏମ୍ ରହିଛି ।
- ଗୋଟିଏ ଏଟିଏମରୁ ୩ ଟି କ୍ୟାସେଟ୍ (ଟଙ୍କା ଥାଳି) ଥାଏ ।
- ଏଥିରେ ୧୦୦, ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଭରାଯାଏ ।
- ପ୍ରତିଟି ଥଳି ୨୨ ବିଡ଼ା ନୋଟ ଧରି ରଖେ ।

## ଶିଶୁଙ୍କ ପାଇଁ ଡାଲି

**ଶିଶୁ** ପାଇଁ ଡାଲିପାଣି ବେଶ୍ ଉପଯୋଗୀ । କାରଣ ଡାଲିରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ରହିଥାଏ, ଯାହା ଶିଶୁର ହଜମ କ୍ଷମତାକୁ ବଢ଼ାଏ । ତା' ସହିତ ପ୍ରୋଟିନ୍ ଓ ପୋଷକତତ୍ତ୍ୱ ଶିଶୁର ବିକାଶ କରିଥା, । ସେହିପରି ସେଥିରେ ଆଇରନ, କ୍ୟାଲସିୟମ, ଫାଇବର କାର୍ବୋହାଇଡ୍ରେଟ୍ ଆଦି ତତ୍ତ୍ୱ ରହିଛି, ଯାହା ଶରୀର ପାଇଁ ଲାଭଦାୟକ ।



**ହଜମ ଶକ୍ତି ବଢ଼ାଇଥାଏ:** ଶିଶୁର ହଜମ ପ୍ରକ୍ରିୟା ଧୀରେ ଧୀରେ କାର୍ଯ୍ୟ କରିଥାଏ । ଏଥିପାଇଁ ୬ ମାସରୁ କମ୍ ଶିଶୁକୁ ଗରିଷ୍ଠ ଖାଦ୍ୟ ଦିଆଯାଇ ନ ଥାଏ କାରଣ ସେ ଗରିଷ୍ଠ ଖାଦ୍ୟ ହଜମ କରିପାରେ ନାହିଁ । ତେଣୁ ଏହି ସମୟରେ ଶିଶୁକୁ ମା' କ୍ଷୀର ସହ ବାହାର ଖାଦ୍ୟ ଭାବରେ ପ୍ରଥମେ ସିଝା ଡ଼ାଲି ଦେବା ଉଚିତ, ଏହା ଧୀରେ ଧୀରେ ଶିଶୁର ହଜମ ପ୍ରକ୍ରିୟାକୁ ବଢ଼ାଇଥାଏ ।

ପୁଷ୍ଟିସାର ଯୋଗାଏ: ଡାଲିରେ ପ୍ରଚୁର ପରିମାଣରେ ପୁଷ୍ଟିସାର ରହିଛି । ସେଥିପାଇଁ ଡାଲିକୁ କୁହାଯାଏ ପ୍ରୋଟିନର ଘର । ମୁଗ, ହରଡ଼ ଓ ମସୁର ଡାଲିରେ ୨୦ ରୁ ଅଧିକ ପୋଷକତତ୍ତ୍ୱ ରହିଥାଏ ।

**ରକ୍ତସ୍ତର ବୃଦ୍ଧି ପାଏ:** ଅଧିକାଂଶ ପିଲା ଜନ୍ମ ସମୟରେ ଅଧିକ ଦୁର୍ବଳ ହେବା ସହ ରକ୍ତହୀନତାର ଶିକାର ହୋଇଥାନ୍ତି । ତେଣୁ ଶିଶୁଟି ୬ ମାସର ହୋଇଗଲା ପରେ ଡାକ୍ତରଙ୍କ ପରାମର୍ଶ ନେଇ ତାକୁ ଡାଲି ଦେବା ଜରୁରୀ । କାରଣ ଡାଲିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ, ଯାହା ଶରୀରରେ ରକ୍ତର ମାତ୍ରା ବଢ଼ାଇଥାଏ । ତାହା ସହିତ ଏଥିରେ ଥିବା ଫାଇବର ଶିଶୁର ଖାଦ୍ୟନଳୀକୁ ସଫା କରିଥାଏ ।

## ଗୋଲମରିଚର ଲାଭକାରୀ ଗୁଣ

**ଭାରତୀୟ** ରୋଷେଇ ଶାଳରେ ଗୋଲମରିଚର ଉପଯୋଗିତା ପ୍ରାୟ ଅଧିକାଂଶ ବ୍ୟଞ୍ଜନରେ ହୋଇଥାଏ । ଗୋଲମରିଚ ନିୟମିତ ସେବନ କଲେ ଏହା ହଜମ କ୍ଷମତା ବୃଦ୍ଧି କରାଇଥାଏ । ପ୍ରତ୍ୟହ ଏହାର ଗୁଣ୍ଡ ଖାଇଲେ କର୍କଟ ହେବାର ଆଶଙ୍କା ଯଥେଷ୍ଟ କମ୍ ହୋଇଥାଏ ।



ରକ୍ତଚାପ ନିୟନ୍ତ୍ରଣ କରୁଥିବା ଗୋଲମରିଚ କାଶରୁ ମଧ ରକ୍ଷା କରେ । ଏକ ଗବେଷଣାରୁ ଜଣାପଡିଛି ଯେ, ପାର୍କିନସନ୍ ରୋଗୀଙ୍କ ନିମନ୍ତେ ଗୋଲମରିଚ ଏକ ମହୌଷଧ । ଏଣୁ ସେମାନଙ୍କୁ ନିୟମିତ ଅଳ୍ପ ପରିମାଣର ଗୋଲମରିଚ ଖାଇବାକୁ ଦେବା ଭଲ । ଧୂମପାନ ଅଭ୍ୟାସରୁ ବର୍ତ୍ତିବାକୁ ଚାହୁଁଥିଲେ ଗୋଲମରିଚ ଗୁଣ୍ଡ ପ୍ରତ୍ୟହ ସେବନ କରନ୍ତୁ । ଫରକ୍ ଅଳ୍ପଦିନରେ ଜାଣି ପାରିବେ ।

## ଲିଭର ସେଲ୍ ପାଇଁ ଉପକାରୀ ସଜନା ଶାଗ

**ସଜନା** ଶାଗରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ବିଶେଷ ଭାବରେ ଏହା ଲିଭର୍ କୋଷ (ସେଲ୍) ପାଇଁ ବେଶ୍ ଉପକାରୀ । ଏଥିରେ କ୍ୟାଲସିୟମ୍, ପଟାସିୟମ୍, ଆଇରନ୍ ସମେତ ଭିଟାମିନ୍-ଏ, ସି ଏବଂ ଇ ଭରି ରହିଛି । ଜଣେ ଡାଇବେଟିସ୍ ରୋଗୀ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ଦରକାର । କାରଣ ସଜନା ଶାଗ ଉଭୟ ରକ୍ତରେ ଏବଂ ପରିସ୍ରାରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିଥାଏ । ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ବିଶେଷ ସହାୟକ ମଧ ହୋଇଥାଏ । ଏଥିରେ ଫସ୍‌ଫରସ୍ ଓ କ୍ୟାଲସିୟମ୍ ମଧ ରହିଛି । ଏହାକୁ ଖାଇବା ଦ୍ୱାରା ଅସ୍ଥି ମଜଭୁତ ରହିଥାଏ । ଆଣ୍ଠୁ, ଗଣ୍ଠି ବାତରୁ ମଧ କେତେକାଂଶରେ ଉପଶମ ମିଳେ । ନିୟମିତ ସଜନା ଶାଗ ଖାଇଲେ ତାହା ଶରୀରରେ ଚର୍ବି ଅଂଶକୁ ସନ୍ତୁଳିତ ରଖେ । ତେଣୁ ମେଦବହୁଳତା ସମସ୍ୟା ସହ ଜଡ଼ିତ ବ୍ୟକ୍ତିଙ୍କ ପାଇଁ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ ।



## କ୍ଷତିକାରକ ଫ୍ୟାଟ୍ ଜାତୀୟ ଖାଦ୍ୟ

**ଅନେକ** ଲୋକ ନିଜର ଭୁଲ୍ ଖାଦ୍ୟଶୈଳୀ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ପାଇଁ ହେଉ ଅବା ଫ୍ୟାଟ୍ ଜାତୀୟ ଖାଦ୍ୟ, ଏଗୁଡ଼ିକୁ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଭଳି ମାରାତ୍ମକ ରୋଗର ସାମନା କରିବାକୁ ପଡୁଛି । 'ଫ୍ୟାଟ୍ ଜାତୀୟ ଖାଦ୍ୟ ଏବଂ ଷ୍ଟ୍ରୋକ୍ ସମସ୍ୟା'



ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ପ୍ରାୟ ପ୍ରତିଦିନ ଆବଶ୍ୟକତାଠାରୁ ଅଧିକ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଉଥିବାର ଦେଖିବାକୁ ମିଳିଥିଲା । ଏହା ଏକ ଅଭ୍ୟାସରେ ପରିଣତ ହୋଇଗଲେ ତାହା ଭବିଷ୍ୟତରେ ଷ୍ଟ୍ରୋକ୍ ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିବାର ଆଶଙ୍କା ରହିଛି ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏପରି ଖାଦ୍ୟ ଶରୀରରେ ଚର୍ବି ପରିମାଣ ବଢ଼ାଇବା ସହ ହାର୍ଟର କାର୍ଯ୍ୟଧାରାକୁ ମଧ ପ୍ରଭାବିତ କରିଥାଏ । ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା, କ୍ଷୀର, ମାଛ, ସୋୟାବିନ୍ ଆଦି ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି ।

## କହିପାରିବେ କି ?

(୧) ବିଶ୍ୱର କେଉଁ ଭାରତୀୟ ସହର ୧୨ ନମ୍ବର ଧନୀ ସହର ରେଙ୍କରେ ଅଛି ?
(୨) ପୃଥିବୀର ସବୁଠାରୁ ଉଚ୍ଚ ହୋଟେଲର ନାଁ କ'ଣ ?
(୩) ଟେଷ୍ଟ ମ୍ୟାଚରେ କିଏ ୫୦ ବର୍ଷ ବୟସରେ ଟେଷ୍ଟ ଖେଳରେ କ୍ୟାପଟେନ୍ ହୋଇ ପାରିଥିଲେ ?
(୪) ଏପ୍ପଲ୍ କମ୍ପାନୀର ସି.ଇ.ଓ ଙ୍କ ନାମ କ'ଣ ?
(୫) ଭାରତରେ ଯୋଜନା ତିଆରି କରିବା ଏବଂ ଭାରତୀୟ ପରିସଂଖ୍ୟାନ ଅନୁସନ୍ଧାନ ସଂସ୍ଥାର ଜନକ କିଏ ?
(୬) ଭାରତର ସ୍ୱାଧୀନତା ଦିବସ ସହ କେଉଁ ଦେଶ ସ୍ୱାଧୀନତା ଦିବସ ପାଳନ କରନ୍ତି ?
(୭) ଟେଷ୍ଟ ମ୍ୟାଚ୍‌ରେ ୪୦ ବର୍ଷ ପରେ କିଏ ସବୁଠୁ ଅଧିକ ରନ୍ ରେକର୍ଡ କରିଛନ୍ତି ?
(୮) ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପିତାଙ୍କ ବୃତ୍ତି କ'ଣ ଥିଲା ?
(୯) ମିଲ୍‌ଖା ସିଂଙ୍କୁ 'ଫ୍ଲାଇଙ୍ଗ୍ ଶିଖ୍' ନାମ କିଏ ଦେଇଥିଲେ ?
(୧୦) ଟେଷ୍ଟରେ ୧୦୦ ରନ କରିଥିବା ପୁରୁଷ ଖେଳାଳୀଙ୍କ ନାଁ କ'ଣ ?

### JUMBLE WORDS

| | | | |
|---|---|---|---|
| 1) NNAAAB | = | 6) NRGUDO | = |
| 2) DELHNA | = | 7) CEOGK | = |
| 3) HSSUI | = | 8) NLCAA | = |
| 4) NITEW | = | 9) DTARSN | = |
| 5) RPDYOA | = | 10) LAHXEE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଶ୍ରୀଦେବୀ ଓ ଶଶୀ କପୁର, ୨.ମଧୁମିତା ବିଷ୍ଟ, ୩.ଫିଲ୍ଡସ୍ ମେଡାଲ୍, ୪.ଡି.ଏମ୍.କେ, ୫.ଶିଖର ଧୱନ, ୬.ତଲତ ମେହେମୁଦ, ୭.ମିଶନ୍ ଇମ୍‌ପଶିବଲ, ୮.ଜାଭେଦ୍ ମିଆଁଦାଦ୍, ୯.ଇରଫାନ୍ ପଠାନ୍, ୧୦.ଜର୍ଜ ବେଲି ।

***Jumble Words*** ର ଉତ୍ତର :-

(1) GUZZLE (2) BUTTER (3) BOSSY (4) CHURN (5) WIZARD
(6) CEMENT (7) WOOZY (8) HATCH (9) SPOKEN (10) SPRING

## ସମ୍ବଲପୁର ଜିଲ୍ଲାପାଳଙ୍କ ବଦଳି

ସମ୍ବଲପୁର : ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସଙ୍କ ବଦଳି ହୋଇ ବୟନଶିଳ୍ପ ବିଭାଗର ଯୁଗ୍ମ ସଚିବ ଭାବେ ଅବସ୍ଥାପିତ କରାଯାଇଛି । ତାଙ୍କ ସ୍ଥାନରେ ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ଥିବା ୨୦୧୮ ବ୍ୟାଚ୍ ଆଇଏଏସ୍ ଅଗ୍ରୱାଲ ଅକ୍ଷୟ ସୁନୀଲଙ୍କୁ ସମ୍ବଲପୁରର ନୂତନ ଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି । ଅନନ୍ୟା ଦାସ ଗତ ଜୁନ୍ ୨୦୨୨ରେ ଜିଲ୍ଲାପାଳ ଭାବେ ସମ୍ବଲପୁର ଜିଲ୍ଲାର ଦାୟିତ୍ୱ ଗ୍ରହଣ କରିଥିଲେ । ଏହା ପୂର୍ବରୁ ସେ କଟକ ମହାନଗର ନିଗମର କମିଶନର ଥିଲେ ।



## ସମ୍ବଲପୁର ରେଳ ମଣ୍ଡଳର ନୂତନ ଡିଆର୍ଏମ୍

ସମ୍ବଲପୁର : ତୁଷାର କାନ୍ତ ପାଣ୍ଡେ ସମ୍ବଲପୁର ରେଳ ମଣ୍ଡଳର ନୂତନ ମଣ୍ଡଳ ରେଳ ପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ସେଣ୍ଟ୍ରାଲ ରେଳବାଇ ନାଗପୁରରେ ରେଳ ପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ । ଶ୍ରୀ ପାଣ୍ଡେ ୧୯୯୨ ବ୍ୟାଚ୍‌ର ଭାରତୀୟ ରେଳ ସେବା ଅଧିକାରୀ ଅଟନ୍ତି । ସେ ଆଇଆଇଟି ରୁରୁକିରୁ ସିଭିଲ୍ ଇଞ୍ଜିନିୟରିଂ, ଆଇଆଇଟି ଦିଲ୍ଲୀରୁ ଏମ୍‌ଟେକ୍, ଦିଲ୍ଲୀ ଏଫ୍‌ଏମ୍‌ଏସ୍ ୟୁନିଭର୍ସିଟିରୁ ଏମ୍‌ବିଏ କରିଛନ୍ତି । ସେ ରେଳବାଇର ବିଭିନ୍ନ ଜୋନ୍ ତଥା ରେଳବାଇ ବୋର୍ଡର ବିଭିନ୍ନ ପଦବୀରେ କାର୍ଯ୍ୟ କରିଛନ୍ତି । ସେହିପରି ଶ୍ରୀ ପାଣ୍ଡେ ଏରିମା, ଚିକାଗୋ, ୟୁଏସ୍‌ଏରେ ଭାରତୀୟ ରେଳବାଇର ପ୍ରତିନିଧିତ୍ୱ କରିଛନ୍ତି ।



## ଶ୍ରୀକାନ୍ତ ପୃଷ୍ଟି ହେବେ ସମ୍ବଲପୁରର ନୂଆ ଆର୍.ଡି.ସି




ସମ୍ବଲପୁର : ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ଚଳିତମାସ ଅବସର ଗ୍ରହଣ କରୁଥିବାରୁ ତାଙ୍କ ସ୍ଥାନରେ ୨୦୦୩ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶ୍ରୀକାନ୍ତ ପୃଷ୍ଟିଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି । ଶ୍ରୀ ପୃଷ୍ଟି ବର୍ତ୍ତମାନ ପଞ୍ଚାୟତିରାଜ ଏବଂ ପାନୀୟ ଜଳଯୋଗାଣ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱରେ ରହିଛନ୍ତି ।

## ଓଏସ୍‌ଓୟୁର କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି

ସମ୍ବଲପୁର : ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ରଙ୍କ ଚଳିତ ମାସ ୨୪ ତାରିଖ କାର୍ଯ୍ୟକାଳ ଶେଷ ହେବା ପରେ କୁଳାଧିପତି ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରିଛନ୍ତି । ସେ ଆସନ୍ତା ୬ ମାସ କିମ୍ବା ନୂତନ କୁଳପତି ନିଯୁକ୍ତି ହେବା ପର୍ଯ୍ୟନ୍ତ ବିଶ୍ୱ ବିଦ୍ୟାଳୟର କୁଳପତି ଦାୟିତ୍ୱରେ ରହିବେ ବୋଲି ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ।



# ମାଁ ସମଲେଇ ପ୍ରକଳ୍ପ ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)













ମହାନଦୀ ଆରତୀ ଦ୍ୱାରା ଭକ୍ତ ଓ ଶ୍ରଦ୍ଧାଳୁ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ପାଇ ପାରିବେ । ମହାନଦୀର ବିଭିନ୍ନ ଘାଟକୁ ଯିବା ପାଇଁ ସ୍ୱତନ୍ତ୍ର ପଥ ନିର୍ମାଣ ହୋଇଛି । ମନ୍ଦିର ଐତିହ ସହ ଜଡ଼ିତ ଶ୍ରୀ ଗୋପାଳଜୀ ମଠ ଓ ଅନ୍ୟ ସମସ୍ତ ଐତିହାସିକ ସ୍ଥାନକୁ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯାଇଛି । ମନ୍ଦିରର ସୁରକ୍ଷା ଓ ଭକ୍ତମାନଙ୍କ ଆଧ୍ୟାତ୍ମିକ ଭାବାବେଗକୁ ଦୃଷ୍ଟିରେ ଏହି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ମାଁଙ୍କ ଦର୍ଶନରେ ଆସୁଥିବା ଦିବ୍ୟାଙ୍ଗ ଓ ବୃଦ୍ଧାଙ୍କ ଦର୍ଶନ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଭାବେ ବ୍ୟାଟେରି ଚାଳିତ ଗାଡ଼ି ବ୍ୟବସ୍ଥା ହୋଇଛି ।

ମାଁ ସମଲେଶ୍ୱରୀ ମନ୍ଦିର ଓ ପାର୍ଶ୍ୱରେ ଥିବା ହେରିଟେଜ୍ କରିଡର୍ ରୂପାନ୍ତରଣ ସମୟରେ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ ଦିଆଯାଇଛି । ପୂର୍ବରୁ ରହିଥିବା ସମସ୍ତ କାଳାକୃତି ଯେଭଳି ଅକ୍ଷୁର୍ଣ୍ଣ ରହିବ ଏଥି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ଏଥିରେ ନୂତନ ମନ୍ଦିର ବେଢାରୁ ଆରମ୍ଭ କରି ଧାଡ଼ି ପରିଚାଳନା ବ୍ୟବସ୍ଥା ଲାଗି ରାଲିଂ ଓ ସେଡ୍ ବ୍ୟବସ୍ଥା, ପୋଡିୟମ୍, କ୍ଲକ୍ ରୁମ ନିର୍ମାଣ ସହ ମନ୍ଦିର ଚାରିପାଖର ସୌନ୍ଦର୍ଯ୍ୟକରଣ, ପୋଖରୀର ଉନ୍ନତୀକରଣ, ଭେଣ୍ଡିଂ ଜୋନ୍, ସୂଚନା କେନ୍ଦ୍ର, ତୀର୍ଥଯାତ୍ରୀ ସୁବିଧା କେନ୍ଦ୍ର, ମନ୍ଦିର ପୂଜକଙ୍କ ସୁବିଧା କେନ୍ଦ୍ର, ଦୀପଘର, ଭୋଗ ମଣ୍ଡପ, ପୂଜାରୀଙ୍କ ବିଶ୍ରାମ ଗୃହ, ଐତିହ୍ୟକରିଡର ଆଦି ବ୍ୟବସ୍ଥା ହୋଇଛି । ଏହାଛଡା ସ୍ଥାୟୀ ଭାବେ ମହାନଦୀ ଆଳତୀ ପାଇଁ ୩୫୦ ମିଟର ଲମ୍ବର ଦୁଇଟି ବିରାଟ ପ୍ଲାଟଫର୍ମ ନିର୍ମାଣ କରାଯାଇଛି । ଆଉ ମନ୍ଦିର ପରିସରରୁ ରିଂରୋଡ ଉପର ଦେଇ ମହାନଦୀ ପଠାକୁ ଯାଇ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଏକ ଫୁଟ ଓଭରବ୍ରିଜ୍ ସହ ୱାଚ୍ ନିର୍ମାଣ କରାଯାଇଛି । ଏହାବାଦ୍ ଭକ୍ତଙ୍କ ସୁବିଧା ପାଇଁ ପ୍ରାୟ ୧ କିଲୋମିଟର ଦୌର୍ଘ୍ୟ ଏକ ରାସ୍ତା ରହିଛି । ଏଥିରେ ପାଦରେ ଚାଲି ମା' ସମଲେଇ ମନ୍ଦିର ପରିଦର୍ଶନର ସୁଯୋଗ ନେବେ ଭକ୍ତ । ସମଲେଇ ପ୍ରକଳ୍ପର ଅନ୍ୟତମ ଆକର୍ଷଣୀୟ ସ୍ଥାନ ହେଲା ୱାଚ୍ ଟାୱାର୍ । ୱାଚ୍ ଟାୱାର୍‌ରେ ବିରାଟ ଘଡ଼ିର ମଧ ବ୍ୟବସ୍ଥା ହୋଇଛି । ପୀଠକୁ ଦର୍ଶନ ପାଇଁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ଏହି ୱାଚ୍ ଟାୱାର୍ ଉପରୁ ସମଗ୍ର ପ୍ରକଳ୍ପର ଦୃଶ୍ୟ ଦେଖିବା ସହ ମହାନଦୀର ମନୋରମ ଶୋଭାରାଜି ଉପଭୋଗ କରିପାରିବେ । ସେଠାରେ ମଧ ଭକ୍ତ ଓ ଦର୍ଶକଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ।

ରାଜ୍ୟର ବିଶିଷ୍ଟ ବାଗ୍ମୀ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ, ଡକ୍ଟର ଶ୍ୟାମ ସୁନ୍ଦର ଧର, ମାନସ ମିଶ୍ର, ରାମାଶିଶ ତ୍ରିପାଠୀ ପ୍ରମୁଖ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରସାରିତ ହୋଇଥିବା ଧାରା ବିବରଣୀ ପ୍ରଦାନ କରିଥିଲେ । ଉତ୍ସବରେ ୫ଟି ଅଧକ୍ଷ ଭି.କେ ପାଣ୍ଡିଆନ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରଦୀପ ଅମାତ, ଟୁକୁନୀ ସାହୁ, ରୀତା ସାହୁ, ରୋହିତ ପୂଜାରୀ, ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ମିତ୍ରଭାନୁ ଗୌନ୍ତିଆ, କ୍ରିଷ୍ଣା ପଟେଲ, ଜିତେନ୍ଦ୍ର ହରିପାଳ, ହଳଧର ନାଗ, କୈଳାଶ ଚନ୍ଦ୍ର ମେହେର, ବିନୋଦ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ଼ର ଅଧକ୍ଷ ସଞ୍ଜୟ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡ଼ମାଳର ଯୋଗ ମନ୍ଦିରରେ ସାଧାରଣତନ୍ତ୍ର ଦିବସ ପାଳିତ



ସମ୍ବଲପୁର : ଯୁଯୁମୁରା ବ୍ଲକର ଗୋବର୍ଦ୍ଧନ ବଡ଼ମାଳ ଗ୍ରାମରେ ଥିବା 'ଯୋଗ ମନ୍ଦିର'ରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅନ୍ୟାନ୍ୟମାନଙ୍କ ମଧରେ ଯୋଗ ମନ୍ଦିରର ପ୍ରତିଷ୍ଠାତା ସ୍ୱାମୀ ସତ୍ୟବିନ୍ଦୁ, ଆଡ଼ଭୋକେଟ୍ ଦିନଦୟାଲ ଅଗ୍ରୱାଲ, ପ୍ରହଲ୍ଲାଦ ଫରମାନିଆ, ମାରୱାଡ଼ି ମହିଳା ସମିତିର ଶ୍ରୀମତୀ ସୁଶୀଲା ଫରମାନିଆଙ୍କ ସମେତ ଗ୍ରାମବାସୀମାନେ ଏଥିରେ ଯୋଗ ଦେଇଥିଲେ ।

## ସମ୍ବଲପୁର ଓ ଝାରସୁଗୁଡ଼ାରେ ସାଧାରଣତନ୍ତ୍ର ଦିବସ

ସମ୍ବଲପୁର : ସ୍ଥାନୀୟ ନେଲସନ ମଣ୍ଡେଲା ଛକରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି । ଏଥିରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସେ ପୁରସ୍କୃତ କରିଥିଲେ । ଏହାଛଡ଼ା ସେ ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମକୁ ଯାଇ ସେଠାରେ ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାସ, ଏସ୍.ପି ମୁକେଶ ଭାମୁ ପ୍ରମୁଖ ଯୋଗ ଦେଇଥିଲେ ।

ସେହିପରି ଝାରସୁଗୁଡା ମନମୋହନ ସ୍କୁଲ ପଡିଆରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି । ରାଜ୍ୟ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡ଼୍‌ର ଅଭିବାଦନ ଗ୍ରହଣ କରିଥିଲେ । ପ୍ୟାରେଡ୍ ରେ ପୋଲିସ୍ ବାହିନୀ, ଏନ୍‌ସିସି ସହ ବିଭିନ୍ନ ବିଦ୍ୟାଳୟ ର ମୋଟ୍ ୨୯ ଟି ଦଳ ଅଂଶ ଗ୍ରହଣ କରିଥିଲେ । ଶେଷରେ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବରୁ ଜିଲ୍ଲାରେ ଅନୁଷ୍ଠିତ ବିଭିନ୍ନ ପ୍ରତି ଯୋଗିତା ରେ କୃତୀ ଛାତ୍ର ଛାତ୍ରୀ



ଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜିଲ୍ଲା ଡାକ୍ତରଖାନା ଓ ଜେଲ୍ ଆଦିରେ ମିଷ୍ଟାନ୍ନ ବଣ୍ଟା ଯାଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେ, ଆରକ୍ଷୀ ଅଧକ୍ଷକ ସ୍ମିତ୍ ପର୍ମାର ଯୋଗ ଦେଇଥିଲେ ।

# ଏନବିଟି ପକ୍ଷରୁ 'ସେତୁ' ସହଯୋଗରେ ସମ୍ବଲପୁର ପୁସ୍ତକ ମେଳା

ସମ୍ବଲପୁର : ଏନ୍‌ବିଟି ଏବଂ 'ସେତୁ'ର ମିଳିତ ଆନୁକୂଲ୍ୟରେ ଅଇଁଠାପାଲିର ପିଏଚ୍‌ଡି ପଡିଆରେ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ୧୨୪ଟି ଷ୍ଟଲ ରହିଛି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମହାନଦୀ ପୁସ୍ତକ ପରିକ୍ରମା ବସ୍‌ର ଶୁଭାରମ୍ଭ କରିଥିଲେ । ଏହି ବସ୍ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ପୁସ୍ତକ ପଠନ ନେଇ ସଚେତନତା ସୃଷ୍ଟି କରିବ । ଏଥିରେ ଏକ ଛୋଟ ଲାଇବ୍ରେରୀ ମଧ୍ୟ ରହିଛି ।

ଏନ୍‌ବିଟିର ନିର୍ଦ୍ଦେଶକ କର୍ଣ୍ଣେଲ ଯୁବରାଜ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଆଇଆଇଏମର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ବିଧାୟକ ସୁବାଷ ପାଣିଗ୍ରାହୀ, 'ସେତୁ'ର ସଭାପତି ପ୍ରଫେସର ମୀନକେତନ ପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । 'ସେତୁ'ର ସଂପାଦକ ସୁକାନ୍ତ କର ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ପ୍ରତ୍ୟହ ସାରସ୍ୱତ ସଭା, କବି ଓ ସାହିତ୍ୟିକମାନଙ୍କ ସାକ୍ଷାତକାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।






Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra